visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.226, Bhubaneswar Sunday, October 20, 2019 ୨୨ତମ ବର୍ଷ ସଂଖ୍ୟା–୨୨୬ ଭୁବନେଶ୍ୱର ରବିବାର, ଅକ୍ଟୋବର ୨୦, ୨୦୧୯ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## କମଲେଶ ତିୱାରୀ ହତ୍ୟାକାଣ୍ଡ ଘଟଣାରେ ଦୋଷୀଙ୍କୁ ଛଡାଯିବନି : ୟୁପି ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, (ପିଏନ)–ହିନ୍ଦୁ ସମାଜ ପାର୍ଟି ର ନେତା କମଲେଶ ତିୱାରୀ ହତ୍ୟାକାଣ୍ଡ ମାମଲାରେ ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି ଯେ ଏଭଳି ଘଟଣା ଅସ୍ୱୀକାର୍ଯ୍ୟ। ଏଥିରେ ସାମିଲ ଥିବା କାହାକୁ ମଧ୍ୟ ଛଡା ଯିବ ନାହିଁ। ଘଟଣାର ତଦନ୍ତ ଭାର ଏସଟିଆଇକୁ ଦିଆଯାଇଛି । ଅନ୍ୟପକ୍ଷରେ କମଲେଶଙ୍କ ପରିବାର ତାଙ୍କୁ ଭେଟିବାକୁ ଚାହୁଛନ୍ତି ତେବେ ସେ ଭେଟିବେ ବୋଲି ଯୋଗୀ ଆଦିତ୍ୟନାଥ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ସେ ସମ୍ପୂର୍ଣ୍ଣ ଘଟଣାର ଅନୁଧ୍ୟାନ କରୁଛନ୍ତି। ଏଭଳି ଘଟଣାଗୁଡିକୁ ବରଦାସ୍ତ କରାଯିବ ନାହିଁ। ଏହି ମାମଲାରେ ଦୋଷୀଙ୍କୁ ଛଡାଯିବ ନାହିଁ ।ଗତକାଲି ଉତରପ୍ରଦେଶର ରାଜଧାନୀ ଲକ୍ଷ୍ନୌ ରେ ହିନ୍ଦୁ ସମାଜ ପାର୍ଟି ତଥା ହିନ୍ଦୁ ମହାସଭାର ନେତା କମଲେଶ ତିୱାରୀଙ୍କୁ କିଛି ଦୁର୍ବୃତ ଗଳା କାଟି ହତ୍ୟା କରିଥିଲେ । ଘଟଣାର ପର୍ଦ୍ଦାଫାସ୍ ୨୪ ଘଂଟାରେ କରାଯାଇଛି ବୋଲି ପୋଲିସ୍ ଦାବି କରିଛି। ଉତରପ୍ରଦେଶ ଡିଜିପି ଓ.ପି ସିଂହ କହିଛନ୍ତି ଯେ ଦୁର୍ବୃତ ମିଠା ଡବାରେ ଛୁରୀ ଓ ବନ୍ଧୁକ ଲୁଚାଇ ଆଣିଥିଲେ । ଏହା ସବୁଠାରୁ ବଡ ସୁରାକ ଥିଲା। ଏହାକୁ ଆଧାର କରି ପୋଲିସ୍ ଟିମ୍ ଗଠନ କରି ଉତର ପ୍ରଦେଶ ଓ ଗୁଜୁରାଟରେ ଯାଂଚ ଚଳାଇଛି। ବର୍ତମାନ ସୁଦ୍ଧା ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ରଶିଦ୍ ଅହମ୍ମଦ ପଠାନ୍ , ମୌଲାନା ମୋହସିନ୍ ଶେଖ୍ ଓ ଫୈଜାନ୍ ।

## ରାଷ୍ଟ୍ରର ସୁରକ୍ଷା ସର୍ବୋପରି : ଅମିତ

ମୁମ୍ବାଇ, (ପିଏନ)- କେନ୍ଦ୍ରୀୟ ଗୃହ ମନ୍ତ୍ରୀ ତଥା ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଦେଶର ସୁରକ୍ଷା ସର୍ବୋପରି। କିନ୍ତୁ କଂଗ୍ରେସ କେବେ ହେଲେ ରାଷ୍ଟ୍ରର ସୁରକ୍ଷାକୁ ସର୍ବୋପରି ମାନି ନାହିଁ । କଂଗ୍ରେସ ସବୁ ବେଳେ ସ୍ୱାତନ୍ତ୍ୟବୀର ବିନାୟକ ଦାମୋଦର ସାବରକରଙ୍କର ଅପମାନ କରି ଆସିଛି। ଶନିବାର ଦିନ ନନ୍ଦୁରବାର ଠାରେ ଏକ ଜନସଭାକୁ ସମ୍ବୋଧିତ କରି ଶ୍ରୀ ଶାହ ଏହା କହିଛନ୍ତି ।ସେ କହିଛନ୍ତି ଯେ ୨୦୦୭ରେ କଂଗ୍ରେସ ସରକାର କହିଥିଲେ ଯେ ହାଜରା ବିବିଙ୍କୁ ଦେଶରୁ ବାହାରକୁ ଯିବାକୁ ଦିଆ ଯିବ ନାହିଁ। ତେବେ ସେତେବେଳେ ଜଣେ ମନ୍ତ୍ରୀ ମୁମ୍ବାଇ ଆକ୍ରମଣରେ ୩୦୦ ଜଣଙ୍କ ମୃତ୍ୟୁ ପାଇଁ ଦାୟୀ ବ୍ୟକ୍ତିର ପରିବାର ସହିତ କମର୍ସିଆଲ ଏଗ୍ରିମେଂଟ କିପରି କରିଥିଲେ। ଏହାର ଉତର ଶରଦ ପାବାର, ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କୁ ଦେବାକୁ ପଡିବ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ବୀର ସାବରକରଙ୍କୁ କଂଗ୍ରେସ କେବେ ହେଲେ ସମ୍ମାନ ଦେଇ ନାହିଁ। ତାଙ୍କୁ ବୀରର ଉପାଧି ୧୨୫ କୋଟି ଭାରତୀୟ ଦେଇଛନ୍ତି । ବୀର ସାବରକର ଆଜୀବନ ଭାରତ ମାତାଙ୍କ ପାଇଁ ଲଢେଇ ଲଢିଥିଲେ । ସେ କେବଳ ମହାରାଷ୍ଟ୍ରର ନୁହେଁ ବରଂ ସମ୍ପୂର୍ଣ୍ଣ ଭାରତର ବୀର ନେତା ଥିଲେ।



ମାନିଲା : ଫିଲିପାଇନ୍ସ ରାଷ୍ଟ୍ରପତିଙ୍କ ସହ କରମର୍ଦ୍ଦନ କରୁଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ

# ବିଜେପୁର ପାଇଁ ସରିଲା ପ୍ରଚାର, ସୋମବାର ଭୋଟ୍




ଭୁବନେଶ୍ୱର, (ପିଏନ)- ବିଜେପୁର ଉପନିର୍ବାଚନ ପାଇଁ ଶନିବାର ପ୍ରଚାର ଶେଷ ହୋଇଛି। ସୋମବାର ଦିନ ବିଜେପୁର ବିଧାନସଭା ଆସନ ପାଇଁ ଭୋଟଗ୍ରହଣ ଅନୁଷ୍ଠିତ ହେବ। ଏହା ପୂର୍ବରୁ ସମ୍ପୃକ୍ତ ଅଂଚଳ ବାହାରର ସମସ୍ତ ନେତାଙ୍କୁ ଅଂଚଳ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ପ୍ରକାଶ କରିଛନ୍ତି।

ଶ୍ରୀ ଲୋହାନୀ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଯେ ବିଜେପଟୀ ନିର୍ବାଚନମଣ୍ଡଳୀରେ ମୋଟ ୨୮୫ଟି ବୁଥ୍ ରେ ଭୋଟ୍ ଗ୍ରହଣ ହେବ। ୨ଲକ୍ଷ ୩୨ହଜାର ୨୬୪ଜଣ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୧ ଲକ୍ଷ ୨୦ ହଜାର ୧୩୫ ଜଣ ପୁରୁଷ ଭୋଟର ଏବଂ ୧ ଲକ୍ଷ ୧୨ ହଜାର ୧୧୪ ଜଣ ମହିଳା ଭୋଟର ରହିଛନ୍ତି। ଜଣେ ମହିଳା ପ୍ରାର୍ଥୀ ଏବଂ ୪ ଜଣ ପୁରୁଷ ପ୍ରାର୍ଥୀ ମୋଟ୍ ୫ ଜଣ ପ୍ରାର୍ଥୀଙ୍କର ଭାଗ୍ୟ ପରୀକ୍ଷା ହେବ।

ଭୋଟଗ୍ରହଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିବାବେଳେ ୧୨୯ ଟି ବୁଥକୁ ସମ୍ବେଦନଶୀଳ ଚିହ୍ନଟ କରାଯାଇଛି। ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ମୋଟ ୧୮୯୫ଜଣ କର୍ମଚାରୀଙ୍କୁ ଭୋଟ ଗ୍ରହଣ କେନ୍ଦ୍ରରେ ନିୟୋଜିତ କରାଯାଇଛି। ନିର୍ବାଚନମଣ୍ଡଳୀରେ ୬ଟି ବୁଥ୍ ନକ୍ସଲ ପ୍ରବଣ ଅଂଚଳରେ ହୋଇଥିବାବେଳେ ୧୪ଟି ବୁଥରେ ସିସିଟିଭି, ୧୬ଟି ବୁଥରେ ଭିଡିଓଗ୍ରାଫି ଓ ୨୮ଟି ବୁଥରେ ୱେବକାଷ୍ଟିଙ୍ଗ୍ କରାଯିବ ବ୍ୟବସ୍ଥା କରାଯିବାକୁ ନିଷ୍ପତି ହୋଇଛି। ନିର୍ବାଚନ ପାଇଁ ସୁରକ୍ଷା ବ୍ୟବସ୍ଥାକୁ ମଧ କଡ଼ାକଡ଼ି କରାଯାଇଛିୟ

ଅପନ୍ୟପକ୍ଷରେ ରାଜ୍ୟ ସରକାର ବିଜେପୁର ଉପନିର୍ବାଚନ ପାଇଁ ୨୧ତାରିଖକୁ ସବୈତନିକ ଛୁଟି ଘୋଷଣା କରିଛନ୍ତି।

# ଗୃହ ନିର୍ମାଣ ଯୋଜନାରେ ୧୫ ନଭେମ୍ବର ସୁଦ୍ଧା ଦ୍ୱିତୀୟ କିସ୍ତି ଦେଲେ ମିଳିବ ପୁରସ୍କାର

## ପ୍ରଥମ କିସ୍ତିରେ ୬୦ ବ୍ଲକ୍ ପାଇଛନ୍ତି ୩୮ ଲକ୍ଷ ଟଙ୍କା

ଭୁବନେଶ୍ୱର, (ପିଏନ)- ଗ୍ରାମାଂଚଳରେ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମଏୱାଇ)ର ଘର ତିଆରି କିସ୍ତି ଅର୍ଥ ଏବଂ ଏହି ଘର ପାଇଁ ଏମଜିନରେଗା ମଜୁରୀ ଆକାରରେ ହିତାଧିକାରୀଙ୍କୁ ଶତ ପ୍ରତିଶତ ଅର୍ଥ ପ୍ରଦାନ କରୁଥିବା ବ୍ଲକ ଗୁଡିକୁ ରାଜ୍ୟ ସରକାର ପୁରସ୍କାର ଦେବାଲାଗି ନେଇଥିବା ପଦକ୍ଷେପରୁ ସଫଳତା ମିଳିଛି। ଗତ ମାସ ୨୬ ତାରିଖ ସୁଦ୍ଧା ଧାର୍ଯ୍ୟ ସମୟରେ ପ୍ରଥମ କିସ୍ତିର ଶତ ପ୍ରତିଶତ ଅର୍ଥ ପ୍ରଦାନ କରି ୬୦ଟି ବ୍ଲକ ପୁରସ୍କାର ଆକାରରେ ୩୮ ଲକ୍ଷ ଟଙ୍କା ପାଇଛନ୍ତି। ଏହି ସମୟରେ ଏକ ଲକ୍ଷ ୬ହଜାର ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରଥମ କିସ୍ତିର ସମସ୍ତ ଅର୍ଥ ମିଳିପାରିଛି । ଆସନ୍ତା ନଭେମ୍ବର ୧୫ ତାରିଖ ମଧ୍ୟରେ ଦ୍ୱିତୀୟ କିସ୍ତିର ସମସ୍ତ ଅର୍ଥ ପ୍ରଦାନ କରିଥିବା ବ୍ଲକ ଗୁଡିକୁ ମଧ ପୁରସ୍କୃତ କରାଯିବ ବୋଲି ପଂଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଛନ୍ତି ।ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ ହିତାଧିକାରୀମାନେ ଯେଭଳି ଧାର୍ଯ୍ୟ ସମୟରେ ସେମାନଙ୍କ ଅର୍ଥ ପାଇବେ ରାଜ୍ୟ ସରକାର ତାହା ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ବ୍ଲକ ଗୁଡିକ ଲାଗି ପୁରସ୍କାର ବ୍ୟବସ୍ଥା ହୋଇଛି। ପୁରସ୍କାର ପ୍ରଦାନ ପାଇଁ ଥିବା ସର୍ତ ଅନୁଯାୟୀ ୧୦୦ ରୁ ୨୦୦୦ ପର୍ଯ୍ୟନ୍ତ ହିତାଧିକାରୀଙ୍କ ଲାଗି ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବ୍ଲକ ଗୁଡିକ ନଭେମ୍ବର ୧୫ ତାରିଖ ସୁଦ୍ଧା ଦ୍ୱିତୀୟ କିସ୍ତିର ଶତ ପ୍ରତିଶତ ଅର୍ଥ ଦେବେ ତେବେ ସେମାନେ ପୁରସ୍କାର ଆକାରରେ ୫୦ହଜାର ଟଙ୍କା ପାଇବେ । ସେହିଭଳି ୨୦୦୧ ରୁ ୪୦୦୦ ଓ ୪୦୦୦ ରୁ ଅଧିକ ହିତାଧିକାରୀଙ୍କ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବ୍ଲକ ଗୁଡିକୁ ଏକ ଲକ୍ଷ ଟଙ୍କାର ପୁରସ୍କାର ମିଳିବ । ପୁରସ୍କାର ରାଶି ଆକାରରେ ବ୍ଲକ ଗୁଡିକ ପାଉଥିବା ଅର୍ଥର ୫୦ ପ୍ରତିଶତ ସେମାନେ କଣ୍ଟିଜେନ୍ସି ଆକାରରେ ନିଜ ଦପ୍ତରରେ ବ୍ୟୟ କରିବେ । ଅବଶିଷ୍ଟ ଅଧା ଅର୍ଥକୁ କର୍ମଚାରୀମାନଙ୍କ ମଧ୍ୟରେ ପୁରସ୍କାର ଆକାରରେ ବଣ୍ଟନ ହେବ । ଏଭଳି ବ୍ୟବସ୍ଥା ଫଳରେ ଅଧିକାଂଶ ବ୍ଲକରେ ଅର୍ଥ ପ୍ରଦାନ ବ୍ୟବସ୍ଥା ଶତ ପ୍ରତିଶତକୁ ଛୁଇଁ ପାରିଛି । ଏପରିକି ଯେଉଁସବୁ ସ୍ଥାନରେ ହିତାଧିକାରୀମାନେ ସମସ୍ୟାରେ ପଡି ଅର୍ଥ ପାଇବାରେ ବିଳମ୍ବ ସମ୍ଭାବନା ଥିଲା ସେଠାରେ ବ୍ଲକ କର୍ମଚାରୀମାନେ ନିଜ ଆଡୁ ପଦକ୍ଷେପ ଗ୍ରହଣ କରି ସମସ୍ୟା ସମାଧାନ ସହିତ କିସ୍ତି ଅର୍ଥ ପ୍ରଦାନ କରୁଛନ୍ତି। ପୁରସ୍କାର ଘୋଷଣା ଦ୍ୱାରା ଏଭଳି ସଫଳତା ମିଳିପାରୁଥିବା ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି। ଗତ ମାସ ୨୬ ତାରିଖ ସୁଦ୍ଧା ପ୍ରଥମ କିସ୍ତି ଅର୍ଥ ପ୍ରଦାନ କରି ୬୦ଟି ବ୍ଲକ ପୁରସ୍କାର ରାଶି ହାତେଇଥିବାବେଳେ ନଭେମ୍ବର ୧୫ ତାରିଖ ସୁଦ୍ଧା ଦ୍ୱିତୀୟ କିସ୍ତିର ଶତ ପ୍ରତିଶତ ଅର୍ଥ ପ୍ରଦାନ କରୁଥିବା ବ୍ଲକ ଗୁଡିକୁ ମଧ ସରକାର ପୁରସ୍କୃତ କରିବେ। ଏଥର ଅଧିକରୁ ଅଧିକ ସଂଖ୍ୟାରେ ବ୍ଲକ ପୁରସ୍କାର ତାଲିକାରେ ସାମିଲ ହେବେ ବୋଲି ମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି । ବିଭାଗର ଏଭଳି ଅଭିନବ ପଦକ୍ଷେପ ଯୋଗୁଁ କେବଳ କର୍ମଚାରୀମାନେ ଉତ୍ସାହିତ ହୋଇନାହାଁନ୍ତି ବରଂ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଗୃହ ନିର୍ମାଣ ଓ ଏମଜି ନରେଗା ଯୋଜନା ମଧ ଗତିଶୀଳ ହୋଇପାରିଛି ।

# ଦନ୍ତା ହାତୀ ଆକ୍ରମଣରେ ଯୁବକ ମୃତ

ବାରିପଦା,(ପିଏନ)- ଅକ୍ଟୋବର ୧୮ ଶୁକ୍ରବାର ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଲାବଣ୍ୟଦେଇପୁର ଗ୍ରାମ ପଂଚାୟତର ୬ ନମ୍ବର ୱାର୍ଡ଼ କାନକୁମୁରା ଗ୍ରାମର ପାଣ୍ଡୁ ସିଂ(୩୨) ନିକଟସ୍ଥ ଅସୁରଖାଇ ଜଙ୍ଗଲକୁ ଗୋରୁ ଚରାଇବାକୁ ଯାଇଥିବା ସମୟରେ ଦନ୍ତାହାତୀ ହାବୁଡ଼ରେ ପଡ଼ିଯାଇଥିଲା, ମଧାହ୍ନ ପ୍ରାୟ ୨ଟା ସମୟରେ ଦନ୍ତା ପାଣ୍ଡୁ ସିଂକୁ ଗୋଡ଼ାଇ ଗୋଡ଼ାଇ ନେଇଯାଇଥିବା ଦୃଶ୍ୟ ତା' ସାଙ୍ଗରେ ଥିବା କୁନା ସିଂ, ଶମ୍ଭୁ କୁଇ, କାଠି ମହାଖୁଡ଼ ଓ ଟୁନା ମହାକୁଡ଼ ନିଜ ଆଖିରେ ଦେଖିବା ପରେ ଗାଁରେ ଆସି ଖବର ଦେବା ପରେ କେତେକ ଗ୍ରାମବାସୀ ଓ ପରିବାର ଲୋକ ପାନୁକୁ ଖୋଜାଖୋଜି କରିଥିଲେ ମଧ ତା'ର କୌଣସି ଖବର ପାଇନଥିଲେ। ପୁଣି ଆଜି ପୂର୍ବାହ୍ନରେ ଅନେକ ଖୋଜାଖୋଜି ପରେ ପାଣ୍ଡୁର ମୃତଦେହ ମିଳିଥିଲା। ଏହାପରେ ସ୍ଥାନୀୟ ଜନସାଧାରଣ କ୍ଷତିପୂରଣ ଦାବିରେ କପ୍ତିପଦା-ଶରତ ମୁଖ୍ୟ ରାସ୍ତାକୁ ପାତାସାହି ନିକଟରେ ଅବରୋଧ କରିଥିଲେ। ପ୍ରଶାସନ ପକ୍ଷରୁ ମୃତଦେହକୁ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ନିମନ୍ତେ ଉଦଳା ପଠାଇଥିଲେ।

# ଅନୁଗୁଳ ଧକୁଟାରେ ବିଜେପି ଗାନ୍ଧୀ ସଂକଳ୍ପ ପଦଯାତ୍ରା

## ବାପୁଙ୍କ ସ୍ୱପ୍ନକୁ ସାର୍ଥକ କରିବା ପାଇଁ ମୋଦି ସରକାର ଅଙ୍ଗୀକାରବଦ୍ଧ : ଧର୍ମେନ୍ଦ୍ର

ଅନୁଗୁଳ,(ପିଏନ)- ମହାତ୍ମାଗାନ୍ଧୀଙ୍କ ଉପଦେଶ ଓ ଆଦର୍ଶ ସାରା ବିଶ୍ୱ ପାଇଁ ଶିକ୍ଷଣୀୟ ହୋଇଥିବା ବେଳେ ବାପୁଙ୍କ ସ୍ୱପ୍ନକୁ ସାର୍ଥକ କରିବା ପାଇଁ ମୋଦି ସରକାର ଅଙ୍ଗୀକାରବଦ୍ଧ ବୋଲି ଶନିବାର ଅନୁଗୁଳ ଜିଲ୍ଲା ଧକୁଟାରୁ ଶଙ୍କରପୁର ଛକ ପର୍ଯ୍ୟନ୍ତ ଆୟୋଜିତ ବିଜେପିର ଗାନ୍ଧୀ ସଂକଳ୍ପ ପଦଯାତ୍ରାରେ ସାମିଲ ହୋଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଶ୍ରୀ ପ୍ରଧାନ କହିଛନ୍ତି ଯେ ଗାନ୍ଧୀଙ୍କ ସର୍ବୋଦୟ ହିଁ ନରେନ୍ଦ୍ର ମୋଦିଙ୍କ ଶାସନ ବ୍ୟବସ୍ଥାର ମୂଳବିନ୍ଦୁ। ଗରିବ ମା' ଘରେ ଉଜ୍ଜ୍ୱଳା ମାଧ୍ୟମରେ ସ୍ୱଚ୍ଛ ଇନ୍ଧନ ପହଁଚାଇ ତା ଆଖିର ଲୁହ ପୋଛିବା ହେଉ କି ସ୍ୱଚ୍ଛ ଭାରତ ଅଭିଯାନରେ ଗରିବ ଘରେ ପାଇଖାନା, ଗରିବଙ୍କ ମୁଣ୍ଡ ଉପରେ ପକ୍କା ଘର ଅଥବା ଆୟୁଷ୍ମାନ ଯୋଜନା ମାଧ୍ୟମରେ ଦରିଦ୍ର, ବଂଚିତ, ନିଷ୍ପେସିତ ଓ ଅବହେଳିତଙ୍କ



ସ୍ୱାସ୍ଥ୍ୟସେବା ହେଉ, ସବୁଠି ବାପୁଙ୍କ ସ୍ୱପ୍ନକୁ ସାର୍ଥକ କରିବା ପାଇଁ ମୋଦି ସରକାର ଅଙ୍ଗୀକାରବଦ୍ଧ। ଏହା ପୂରଣ ହେଲେ ବାପୁ ଦେଖିଥିବା ସ୍ୱରାଜ୍ୟର ପରିବର୍ତନ ହେବା ପ୍ରଧାନମନ୍ତ୍ରୀ ମୋଦିଙ୍କ ଆହ୍ୱାନ କ୍ରମେ ଭାରତକୁ ସିଙ୍ଗିଲ୍ ୟୁଜ୍ ପ୍ଲାଷ୍ଟିକ୍ ବା ଥରେ ମାତ୍ର ବ୍ୟବହାର ହେଉଥିବା ପ୍ଲାଷ୍ଟିକ୍ ପ୍ରଭାବରୁ ଦେଶକୁ ମୁକ୍ତ କରିବା, ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ବଦଳରେ କାଗଜ ଓ କପଡା ବ୍ୟାଗ୍ ବ୍ୟବହାର କରିବା,ଗଛ ଲଗାଇବା, ନିଶା ନିବାରଣ, ଜଳ ସଂରକ୍ଷଣ କରିବା ସହ ଜନ ଆନ୍ଦୋଳନ ତିଆରି କରିବାର ଆବଶ୍ୟକତା ରହିଛି। ସ୍ୱଚ୍ଛ ଭାରତ, ନିଶା ନିବାରଣ, ସ୍ୱଦେଶୀ ଅର୍ଥନୀତି, ସୂତା କାଟିବା ଏବଂ ଅସ୍ପୃଶ୍ୟତା ବିରୋଧରେ ଜନଜାଗରଣ ସୃଷ୍ଟି କରିବା ମହାତ୍ମାଗାନ୍ଧୀଙ୍କ ଦୂରଦୃଷ୍ଟି ଥିଲା। ଦେଶକୁ ସ୍ୱାଧୀନତା ଦେବାରେ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ରାଜା ସୋମନାଥ ସିଂହ, ପବିତ୍ର ମୋହନ ପ୍ରଧାନ, ସାରଙ୍ଗଧର ପଟ୍ଟନାୟକ, ଶହୀଦ ବାଜି ରାଉତ, ସର୍ଦ୍ଦାର ପଟେଲ୍, ମୌଲାନା ଆଜାଦ୍, ରାଜେନ୍ଦ୍ର ପ୍ରସାଦ, ହରେକୃଷ୍ଣ ମହାତାବ, ପଣ୍ଡିତ ଗୋପବନ୍ଧୁ ଦାସ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୧୯୩୪ ମସିହାରେ ମହାତ୍ମାଗାନ୍ଧୀ ଝାରସୁଗୁଡାରୁ ପୁରୀ ଗସ୍ତ କରିଥିଲେ । ପୁରୀରୁ କଟକର ତେଲେଙ୍ଗାପେଣ୍ଠ ଦେଇ ସ୍ୱରାଜ ଆଶ୍ରମକୁ ଆସିଥିଲେ । ଗାନ୍ଧୀ ସ୍ୱାଧୀନତା ସଂଗ୍ରାମ ସମୟରେ ୧୯୨୧ରୁ ୧୯୪୬ ମଧ୍ୟରେ ଅନୁଗୁଳ ସମେତ ୮ ଥର ଓଡିଶା ଗସ୍ତରେ ଆସି ସ୍ୱାଧୀନତା ସଂଗ୍ରାମ ସହ ସାମାଜିକ ଓ ଆର୍ଥିକ ଉତଥାନର ବାର୍ତା ପ୍ରଚାର କରିଥିଲେ ଏବଂ ସ୍ୱତନ୍ତ୍ରତା ସଂଗ୍ରାମକୁ ଦିଗଦର୍ଶନ ଦେଇଥିଲେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ମହିଳା ଭିଏଲଡବ୍ଲୁଙ୍କ ମୃତ୍ୟୁ ଘଟଣାରେ ରାଜନୀତି କରାନଯାଉ:ବିଜେଡି

ଭୁବନେଶ୍ୱର, (ପିଏନ)- ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକର ଭିଏଲଡବ୍ଲ୍ୟୁ ମୃତ୍ୟୁ ଘଟଣାର ପୋଲିସ୍ ତଦନ୍ତ ଜୋରଦାର ଚାଲିଥିବାବେଳେ ବିରୋଧିଦଳ ଗୁଡିକ ଏହାକୁ ରାଜନୈତିକ ରଙ୍ଗ ଦେଇ ତଦନ୍ତକୁ ବାଟବଣା ନକରିବାକୁ ବିଜେଡି ସାଂସଦ ଡକ୍ଟର ସସ୍ମିତ ପାତ୍ର କହିଛନ୍ତି।

ଡକ୍ଟର ପାତ୍ର କହିଛନ୍ତି ଯେ ଏହି ହତ୍ୟା ଘଟଣା ଉପରୁ ପରଦା ଉଠାଇବାପାଇଁ ପୋଲିସ ଆପ୍ରାଣ ଉଦ୍ୟମ କରୁଥିବାବେଳେ ଏହା ଉପରେ ଆମେ ସମସ୍ତେ ଭରସା ରଖିବା ଉଚିତ । ହେଲେ କିଛି ରାଜନୈତିକ ଦଳ ଓ ବ୍ୟକ୍ତିବିଶେଷ ନିଜ ନିଜର ଫାଇଦା ପାଇଁ ଏହାର ରାଜନୀତିକରଣ ଦେବାରେ ଲାଗିଛନ୍ତି । ଏହାଦ୍ୱାରା ତଦନ୍ତ ବାଟବଣା ହେବାର ଢେର ସମ୍ଭାବନା ରହିଛି ।

ଦଳୀୟ ସ୍ୱାର୍ଥ ଦୃଷ୍ଟିରୁ ଏବେ କିଛି ନେତା ସମ୍ପୃକ୍ତ ଅଂଚଳକୁ ଯିବା ସହିତ ଗଣମାଧ୍ୟମକୁ ବିବୃତିମାନ ଦେବାରେ ଲାଗିଛନ୍ତି। ଏପରିକି ଏହି ଘଟଣାରେ ଅନ୍ୟମାନଙ୍କ ନାମକୁ ଯୋଡି ସାଧାରଣରେ ଭ୍ରମ ସୃଷ୍ଟି କରାଯାଉଛି । ଜଣେ ମହିଳା ସରକାରୀ କର୍ମଚାରୀ ଆତ୍ମହତ୍ୟା କରିଥିବାରୁ ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ନେଇଛନ୍ତି । ଏଥିରେ କୌଣସି ବ୍ୟକ୍ତି ସମ୍ପୃକ୍ତ ବୋଲି ଜଣାପଡିଲେ ସେମାନଙ୍କ ବିରୁଦ୍ଧରେ ଆଇନ୍ ଅନୁଯାୟୀ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହା ଏକ ଅତ୍ୟନ୍ତ ସ୍ପର୍ଶକାତର ଘଟଣା ହୋଇଥିବାବେଳେ ତଦନ୍ତରେ ପୋଲିସକୁ ସହଯୋଗ କରିବା ବଦଳରେ କିଛି ରାଜନୈତିକ ଦଳ ଓ ବ୍ୟକ୍ତି ଆଗୁଆ ଯେଭଳି ମାମଲା ସହିତ ଅନ୍ୟମାନଙ୍କୁ ଯୋଡୁଛନ୍ତି ତାହାଦ୍ୱାରା କେବଳ ତଦନ୍ତ ବାଟବଣା ହେବନାହିଁ, ମୃତକଙ୍କ ପରିବାର ମଧ ନ୍ୟାୟ ପାଇବାରେ ବିଳମ୍ବ ହେବାର ଆଶଙ୍କା ଉପୁଜିଲାଣି । ଇତି ମଧ୍ୟରେ ଏହି ଘଟଣାର ତଦନ୍ତ ସିବିଆଇ ଦ୍ୱାରା କରିବାକୁ ଯେଉଁ ଦାବି ହୋଇଛି ଡକ୍ଟର ପାତ୍ର ତାହାକୁ ଅଗ୍ରାହ୍ୟ କରିବା ସହିତ ମାମଲାର ତଦନ୍ତ କ୍ଷେତ୍ରରେ ଓଡିଶା ପୋଲିସ୍ ସିବିଆଇ ଠାରୁ କୌଣସି ଗୁଣରେ କମ୍ ନୁହେଁ। ତେଣୁ ପୋଲିସ୍ ଉପରେ ଭରସା ରଖିବା ସହିତ ସମ୍ପୃକ୍ତ ପରିବାର କିଭଳି ନ୍ୟାୟ ପାଇବେ ସେଥିପାଇଁ ସମସ୍ତେ ସହଯୋଗ କରିବା ଏବଂ ମହିଳାଙ୍କ ହତ୍ୟାକାଣ୍ଡ ଭଳି ସମ୍ବେଦନଶୀଳ ଘଟଣାକୁ ନେଇ ରାଜନୀତି ନକରିବାକୁ ଡକ୍ଟର ପାତ୍ର ଅନୁରୋଧ କରିଛନ୍ତି ।

# ଗୋଟିଏ କଲ୍ ସେଂଟର ଅନ୍ତର୍ଭୁକ୍ତ ହେବେ ସରକାରୀ ଓ ବେସରକାରୀ ଆମ୍ବୁଲାନ୍ସ୍

ଭୁବନେଶ୍ୱର, (ପିଏନ)- ଦୁର୍ଘଟଣାର ପ୍ରଥମ ୪୮ ଘଂଟା ମଧ୍ୟରେ ସମସ୍ତ ବେସରକାରୀ ଓ ସରକାରୀ ହସ୍ପିଟାଲ୍ ବିନାମୂଲ୍ୟରେ ଉଚ୍ଚମାନର ଜୀବନରକ୍ଷାକାରୀ ଚିକିତ୍ସା ଯୋଗାଇବା ନିମନ୍ତେ ଥିବା ସରକାରୀ ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ଲାଗୁ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ୍ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ସାଧାରଣ କାର୍ଯ୍ୟାନ୍ୱୟନ ପଦ୍ଧତି (ଏସ୍.ଓ.ପି)ତୁରନ୍ତ ହସ୍ପିଟାଲ୍ ମାନଙ୍କୁ ଅବଗତ କରାଇବା ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଶନିବାର ରାଜ୍ୟ ଲୋକସେବା ଭବନରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ବ୍ୟବସ୍ଥାର କାର୍ଯ୍ୟାନ୍ୱୟନ ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଏହି ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିମାନଙ୍କର ଜୀବନରକ୍ଷା ନିମନ୍ତେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ (ଗୋଲ୍ଡେନ୍ ଆୱାର) ପରିଚ୍ଛଳନାକୁ ଅଧିକ ଦୃଢ଼ିଭୂତ ଏବଂ ଫଳପ୍ରସୂ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ୍ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଡ଼ଃ ପ୍ରମୋଦ ମେହେର୍ଦ୍ଦା ଏ ସମ୍ବନ୍ଧୀୟ ପ୍ରଶାସନିକ ଓ ବୈଷୟିକ ବିଷୟବସ୍ତୁ ସହ ସଦ୍ୟତନ ତଥ୍ୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ ।

କାର୍ଯ୍ୟାନ୍ୱୟନ ପ୍ରକ୍ରିୟାର ସମୀକ୍ଷା କରି ରାଜ୍ୟରେ କାର୍ଯ୍ୟରତ ଥିବା ସମସ୍ତ ଘରୋଇ ଓ ସରକାରୀ ଆମ୍ବୁଲାନ୍ସ୍‌କୁ ଏକ ସାଧାରଣ କଲ୍ ସେଂଟର ଅନ୍ତର୍ଭୁକ୍ତ କରିବା ପାଇଁ ମଧ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଏହା ହେଲେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିମାନଙ୍କୁ ତୁରନ୍ତ ସେବା ଯୋଗାଇ ଦିଆଯାଇ ପାରିବ । ଗୋଟିଏ ଆମ୍ବୁଲାନ୍ସ୍ ପାଇଁ ବୈଷୟିକ ଏବଂ ମାନବ ସମ୍ବଳ ମାନଙ୍କ ନିର୍ଦ୍ଧାରଣ ନିମନ୍ତେ ବୈଠକରେ ସ୍ଥିର ହୋଇଥିଲା। ଏହା ଆମ୍ବୁଲାନ୍ସ୍ ରେ ରହିବାକୁ ଥିବା ଜୀବନରକ୍ଷାକାରୀ ଯନ୍ତ୍ରପାତି, ଅନୁଚିକିତ୍ସାକାରୀ ସ୍ୱାସ୍ଥ୍ୟ ସହାୟକ ଆଦି ନିର୍ଦ୍ଧାରଣ କରିବ । ଦୁର୍ଘଟଣା ଗ୍ରସ୍ତ ଲୋକଙ୍କୁ ଟ୍ରମା କେୟାର କେନ୍ଦ୍ରକୁ ନେବାବେଳେ ଆମ୍ବୁଲାନ୍ସ୍ ଭିତରେ ଆବଶ୍ୟକୀୟ ସେବା ଯୋଗାଇବା ପାଇଁ ମଧ ଅନୁଚିକିତ୍ସାକାରୀମାନେ ପ୍ରଶିକ୍ଷିତ ହେବେ । ନିର୍ଦ୍ଧାରିତ ମାନାଙ୍କ ପୁରଣ କରୁଥିବା ଆମ୍ବୁଲାନ୍ସ୍ ମାନଙ୍କୁ ହିଁ ବାଣିଜ୍ୟ ଓ ପରିବହନ ବିଭାଗ ପଞ୍ଜୀକୃତ କରି ସ୍ୱୀକୃତି ଦେବେ ।

ପ୍ରାପ୍ତ ସୂଚନାରୁ ଜଣାପଡିଛି, ବର୍ତମାନ ରାଜ୍ୟରେ ୫୧୨ଟି ୧୦୮- ଆମ୍ବୁଲାନ୍ସ୍ ଏବଂ ୧୯ଟି ଅଗ୍ନିଶମ ଆମ୍ବୁଲାନ୍ସ ଏହି ଜରୁରୀକାଳୀନ ସେବା ଯୋଗାଉଛନ୍ତି । ଜାତୀୟ ରାଜପଥ କର୍ତୃପକ୍ଷ ପ୍ରତି ୫୦ କି.ମି. ରାସ୍ତା ପାଇଁ ଗୋଟିଏ ଆମ୍ବୁଲାନ୍ସର ବ୍ୟବସ୍ଥା କରିଛନ୍ତି । ଆବଶ୍ୟକସ୍ଥଳେ ପୋଲିସ୍ ପଇଁତରା ଗାଡି ଏବଂ ଅଗ୍ନିଶ୍ରମ ସେବା ସଂସ୍ଥା ଗାଡି ମଧ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଜରୁରୀକାଳୀନ ସେବା ଯୋଗାଉଛନ୍ତି । ଏହାଛଡା ରାଜ୍ୟରେ ପ୍ରାୟ ୧୫୬୨ ଟି ଘରୋଇ ଆମ୍ବୁଲାନ୍ସ କାର୍ଯ୍ୟ କରୁଛି । ଏଗୁଡିକ ମୁଖ୍ୟତଃ ବିଭିନ୍ନ ହସ୍ପିଟାଲ୍, ସେବାସଂସ୍ଥା, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଶିଳ୍ପ ଓ ବ୍ୟବସାୟିକ ନିଗମ ମାନଙ୍କ ଦ୍ୱାରା ଚଳାଯାଉଛି । ସମସ୍ତ ଆମ୍ବୁଲାନ୍ସରେ ଜି.ପି.ଏସ୍.ଟ୍ରାକିଂ ମେସିନ୍ ଲଗାଇବା ସହ ଗୋଟିଏ ଅନ୍‌ଲାଇନ୍ ମନିଟରିଂ ବ୍ୟବସ୍ଥା ଅନ୍ତର୍ଭୁକ୍ତ କରିବା ପାଇଁ ବୈଠକରେ ସ୍ଥିର ହୋଇଥିଲା ।

ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଜି.ଶ୍ରୀନିବାସ୍, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଡ଼ଃ ପ୍ରମୋଦ କୁମାର ମେହେର୍ଦ୍ଦା, ପରିବହନ କମିଶନର ଶ୍ରୀ ସଞ୍ଜିବ ପଣ୍ଡାଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀ ଓ ବୈଷୟିକ ପରାମର୍ଶଦାତା ମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।



ୱାସିଂଟନ : ସ୍ୱଜରଲାଣ୍ଡ ଅର୍ଥମନ୍ତ୍ରୀ ସହ କରମର୍ଦ୍ଦନ କରୁଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ










# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରିରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରିରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡ଼ମ୍ବାଗଡ଼ର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦ୍ରଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର



ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।

## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ



ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଡକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି



ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତି ନିଜର ଭ୍ରମଣ ସଡକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍ କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଡକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର



ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ତାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।



# ମୋ ଗାଁ

# ରାଜ୍ୟପାଳଙ୍କ ଦିନିକିଆ କେନ୍ଦୁଝର ଜିଲ୍ଲା

କେନ୍ଦୁଝର, (ପିଏନ)- ଛାତ୍ରଛାତ୍ରୀମାନେ ନିଜକୁ ସାଧାରଣ ନ ଭାବି ଅସାଧାରଣ ଭାବନ୍ତୁ ବୋଲି ଓଡ଼ିଶାର ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଆହ୍ୱାନ ଜଣାଇଛନ୍ତି । ଚଳିତ ଅକ୍ଟୋବର ୧୯ ତାରିଖ ଶନିବାର ଦିନ କେନ୍ଦୁଝର ଜିଲ୍ଲାକୁ ଦିନିକିଆ ଗସ୍ତରେ ଆସି ରାଙ୍କି ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ରାଙ୍କି ଏବଂ ନଇଗାଁ, ଡିମ୍ବୋ ସ୍ଥିତ ସେଂଟ୍ ଜାଭିୟରସ୍ ହାଇସ୍କୁଲରେ ଛାତ୍ରଛାତ୍ରୀମାନଙ୍କୁ ପୃଥକ୍ ପୃଥକ୍ ଭାବେ ଉଦ୍‌ବୋଧନ ଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏହି ଆହ୍ୱାନ ଦେଇଛନ୍ତି । ରାଜ୍ୟପାଳ କହିଥିଲେ ଯେ ପିଲାମାନେ ହେଉଛନ୍ତି ଅନନ୍ତ ସମ୍ଭାବନା ଓ ସାମର୍ଥ୍ୟର ଅଧିକାରୀ । ଏଣୁ ଲକ୍ଷ୍ୟ ସ୍ଥିର ରଖି ସ୍ଥିତପ୍ରଜ୍ଞ ରହି ନିଜ ଭିତରେ ଥିବା ପ୍ରତିଭାକୁ ଉପଯୋଗ କଲେ ସେମାନେ ଭବିଷ୍ୟତରେ ସଫଳତାର ଶୀର୍ଷ ଛୁଇଁ ପାରିବେ । ନିଜ ଉପରେ ଗଭୀର ଆତ୍ମ ବିଶ୍ୱାସ ରଖିବା ହିଁ ଜଣକୁ ସାମର୍ଥ୍ୟ କରିଥାଏ ବୋଲି କହିଥିଲେ । ଯୋଗ ଉପରେ ଅବତାରଣା କରି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଥିଲେ ଯେ ଆତ୍ମାକୁ ପରମାତ୍ମା ସହିତ ଯୋଡିବାର ମାଧ୍ୟମ ହେଉଛି ଯୋଗ । ଯୋଗକୁ ୟୁନାଇଟେଡ୍ ନେସନସ୍ ଅର୍ଗାନାଇଜେସନ୍ ମାଧ୍ୟମରେ ଆର୍ନ୍ତଜାତୀୟ ମାନ୍ୟତା ମିଳିବା ଆମ ସମୟର ସବୁଠାରୁ ବଡ ଉପଲବ୍ଧି । ଏ ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅବଦାନ ଅତୁଳନୀୟ । ଯେଉଁ ପରମାତ୍ମା ପିତାମାତାଙ୍କ ଜରିଆରେ ଆମକୁ ଏ ସୁନ୍ଦର ପୃଥିବୀକୁ ପଠାଇଛନ୍ତି । ସେହି ପରମାତ୍ମା ସହିତ ନିଜକୁ ସଂଯୁକ୍ତ କରିବା ଆବଶ୍ୟକ । ଏତଦ୍‌ବ୍ୟତୀତ ନିଜ ସନ୍ତାନ ପ୍ରତି ବାପା ମାଆଙ୍କର ଭଲ ପାଇବା, ଆବେଗ ଓ ଭାବପ୍ରବଣତାର ତୁଳନା ନାହିଁ । ଏଣୁ ସମସ୍ତେ ନିଜର ପିତାମାତାଙ୍କ ପ୍ରତି କର୍ତବ୍ୟ ପାଳନ କରିବା ଏକାନ୍ତ ଆବଶ୍ୟକ । ଭାରତ ଆଧ୍ୟାତ୍ମିକତା କ୍ଷେତ୍ରରେ ସବୁବେଳେ ବିଶ୍ୱଗୁରୁ ହୋଇ ପଥ ପ୍ରଦର୍ଶନ କରୁଛି । ଆଧ୍ୟାତ୍ମିକତାର ଚମକ ବଳରେ ଭାରତ କିପରି ବିଶ୍ୱ ସମୁଦାୟକୁ ପ୍ରଭାବିତ କରିପାରୁଛି ତାହା ଅବତାରଣା କରିଥିଲେ । ପବିତ୍ର ଭଗବତ୍ ଗୀତାର ସାରମର୍ମ ଉପରେ ଆଲୋକପାତ କରି ବିଶାଦରୁ ଆରମ୍ଭ ହୋଇଥିବା ଏହି ଗୀତା ଏକ ମହାନ ଗ୍ରନ୍ଥର ମାନ୍ୟତା ପାଇଛି ଏବଂ ବିଶ୍ୱକୁ ସୁଖ ଶାନ୍ତିର ବାର୍ତା ଦେଉଛି । ପିଲାମାନେ ନିଜ ଜୀବନରେ ୩ଟି ଦିଗ ଯଥା- ଖାଦ୍ୟ ପରିଚାଳନା (ଫୁଡ୍ ମ୍ୟାନେଜ୍‌ମେଂଟ୍), ସମୟ ପରିଚାଳନା (ଟାଇମ୍ ମ୍ୟାନେଜ୍‌ମେଂଟ୍) ଓ ଐଶ୍ୱରିକ ପରିଚାଳନା (ଡିଭାଇନ୍ ମ୍ୟାନେଜ୍‌ମେଂଟ୍) କରିପାରିଲେ ସେମାନେ ନିଜକୁ ସାଧାରଣରୁ ଅସାଧାରଣ ବ୍ୟକ୍ତିତ୍ୱରେ ପରିଣତ କରିପାରିବେ । ଓଡିଶାକୁ ନିଜର ଦ୍ୱିତୀୟ ଘର ଭାବେ ସେ ବିବେଚନା କରନ୍ତି ବୋଲି କହିବା ସହିତ ଓଡିଶାର ଗାରିମା, ଆରାଧ୍ୟ ପ୍ରଭୁ ଶ୍ରୀ ଜଗନ୍ନାଥ ଏବଂ କଲ୍ୟାଣମୟୀ ମା'ତାରିଣୀଙ୍କ ମହିମା ସଂପର୍କରେ ଅବତାରଣା କରିଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଉଭୟ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଓ ସେଂଟ୍ ଜାଭିୟରସ ହାଇସ୍କୁଲ୍‌ଠାରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ରାଜ୍ୟପାଳ ପୁରସ୍କୃତ କରିଥିଲେ । ଉଭୟ ଅନୁଷ୍ଠାନରେ ମାନ୍ୟବର ରାଜ୍ୟପାଳ ପହଂଚିବା ପରେ ମାନ୍ୟବର ରାଜ୍ୟପାଳଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ଏବଂ ଉପଢୌକନ ପ୍ରଦାନ କରାଯାଇଥିଲା ।

ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ରାଙ୍କିଠାରେ ସମ୍ମାନନୀୟ ଅତିଥି ଭାବେ ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଏସ୍.ପି. ମିତ୍ରଭାନୁ ମହାପାତ୍ର ଯୋଗଦେଇଥିବାବେଳେ ଭାରପ୍ରାପ୍ତ ଅଧକ୍ଷା ବିବରଣୀ ପାଠ କରିଥିଲେ । ସଭାକାର୍ଯ୍ୟ ପରେ ଅନୁଷ୍ଠାନ ପରିସରରେ ମାନ୍ୟବର ରାଜ୍ୟପାଳ ବୃକ୍ଷରୋପଣ କରିଥିଲେ । ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସାକ୍ଷାତକାରରେ ମାନ୍ୟବର ରାଜ୍ୟପାଳ କହିଥିଲେ ଯେ ରାଜ୍ୟର ବିଭିନ୍ନ ଜିଲ୍ଲାର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି । ପିଲାମାନେ କିପରି ରହୁଛନ୍ତି, କଣ ଖାଉଛନ୍ତି, କିପରି ପଢୁଛନ୍ତି ଏବଂ କଣ ସମସ୍ୟା ରହିଛି ଜାଣିବା ଉଦ୍ଦେଶ୍ୟରେ ସେ ପରିଦର୍ଶନ କରୁଛନ୍ତି । ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟମାନଙ୍କରେ ରହିଥିବା ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି କହିବା ସହିତ ପିଲାମାନଙ୍କ ମନରେ ଆତ୍ମବିଶ୍ୱାସ ଜାଗ୍ରତ କରିବା ଏବଂ ସେମାନଙ୍କ ମନରେ ନୈତିକ ସାହାସ ସଂଚାର କରିବା ହେଉଛି ତାଙ୍କ ପରିଦର୍ଶନର ଉଦ୍ଦେଶ୍ୟ ବୋଲି କହିଥିଲେ ।

ସେଂଟ୍ ଜାଭିୟରସ୍ ହାଇସ୍କୁଲ, ଡିମ୍ବୋଠାରେ ଆୟୋଜିତ ସମାରୋହରେ ସମ୍ମାନିତ ଅତିଥି ଭାବେ କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଅନୁଷ୍ଠାନର ଚେୟାରମ୍ୟାନ ଇଂ ଦେବବ୍ରତ ବେହେରା ଅଧକ୍ଷତା କରିଥିଲେ ଏବଂ ଅନୁଷ୍ଠାନର ଅଧକ୍ଷ ଦିବ୍ୟକିଶୋର ପ୍ରଧାନ ବିବରଣୀ ପାଠ କରିଥିଲେ । ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଏସ୍.ପି. ମିତ୍ରଭାନୁ ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ୱାବୋଧାନରେ ମାନ୍ୟବର ରାଜ୍ୟପାଳଙ୍କ ଗସ୍ତକାର୍ଯ୍ୟକ୍ରମ ଶୃଙ୍ଖଳାର ସହିତ ସମାପିତ ହୋଇଥିଲା ।

# ସେଣ୍ଟ୍ରାଲର ପାର୍ବଣ ଅଫର ସହ ଏହି ଦୀପାବଳୀ ପାଇଁ ପ୍ରସ୍ତୁତ ହୋଇ ଯାଆନ୍ତୁ

ଭୁବନେଶ୍ୱର : ଏହି ଦୀପାବଳୀକୁ ଷ୍ଟାଇଲର ସହ ପାଳନ କରିବା ପାଇଁ ସବୁଠାରୁ ଅଧିକ ଲୋକପ୍ରିୟ ଫ୍ୟାସନ ଷ୍ଟୋର ସେଣ୍ଟ୍ରାଲ ଏହାର ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ଅଫର ସବୁ ନେଇ ଆସିଛି । ଗ୍ରାହକମାନେ ୩୦୦୦ କିମ୍ବା ତାଠାରୁ ଅଧିକ ସପିଙ୍ଗ ଉପରେ ୩୦୦୦ଟଙ୍କାର ଗୋଟିଏ ସେଣ୍ଟ୍ରାଲ ଗିଫ୍ଟ ଭାଉଚର ପାଇପାରିବେ । ଏହା ବ୍ୟତୀତ ଆଇସିଆଇସିଆଇ ବ୍ୟାଙ୍କର ଡେବିଟ କିମ୍ବା କ୍ରେଡିଟ କାର୍ଡ ବ୍ୟବହାରକାରୀମାନେ ଟ.୬୦୦୦/-ର ସର୍ବନିମ୍ନ କ୍ରୟ ଉପରେ ୧୦%ର ଅତିରିକ୍ତ ରିହାତି ଏବଂ ପ୍ରତି କାର୍ଡ଼ରେ ଟ.୧୦୦୦/-ର ସର୍ବାଧିକ ରିହାତି ପାଇପାରିବେ । ଏହା ବ୍ୟତୀତ ସେଣ୍ଟ୍ରାଲ ଏହାର ଗ୍ରାହକମାନଙ୍କ ପାଇଁ ଆହୁରି ଅନେକ ଗିଫ୍ଟର ସମ୍ଭାର ମଧ୍ୟ ନେଇ ଆସିଛି । ସେଣ୍ଟ୍ରାଲ ହାଉସ ଦେଶର ସମସ୍ତ ଫ୍ୟାସନପ୍ରେମୀ ମାନଙ୍କ ପାଇଁ ୧୦୦୦୦ରୁ ଅଧିକ ବିଶ୍ୱସ୍ତରୀୟ ଷ୍ଟାଇଲ ନେଇଆସିଛି । ଓନଲି, ଭେରୋ ମୋଡା, ଗ୍ଲୋବାଲ ଦେଶୀ ଭଳି ଆହୁରି ଅନେକ ଲୋକପ୍ରିୟ ବ୍ରାଣ୍ଡରୁ ମହିଳାମାନନେ ଅନାରକଲି କୁର୍ତ୍ତୀ, ସୁନ୍ଦର ବୁଣାହୋଇଥିବା ସୁଟ ଏବଂ ଲେହେଙ୍ଗା ଆଦିର କ୍ରୟ କରିପାରିବେ । ସେହିଭଳି ପୁରୁଷମାନେ ଆଲେନ ସୋଲି, ଇଣ୍ଡିଗୋ ନେସନ, ପାର୍କ ଆଭେନ୍ୟୁ ଭଳି ବ୍ରାଣ୍ଡରୁ ଚୟନ କରିପାରୁଥିବା ବେଳେ ଛୋଟ ପିଲାମାନଙ୍କ ପାଇଁ ସ୍କ୍ୟୁଲର, ପେପେ ଜିନ୍ସ ଏବଂ ଆହୁରି ଅନେକ ବ୍ରାଣ୍ଡ ମଧ୍ୟ ନେଇ ଆସିଛି । ଏହି ପାର୍ବଣ ଅଫର ଗୁଡ଼ିକ ଉପରେ ସେଣ୍ଟ୍ରାଲର ସିଇଓ ଶ୍ରୀ ବିଷ୍ଣୁ ପ୍ରସାଦ କହିଛନ୍ତି ଯେ, "ଦିପାବଳୀର ଏହି ଶୁଭ ଅବସରରେ ସେଣ୍ଟ୍ରାଲ ଠାରେ ଆମେ ଆମର ଗ୍ରାହକ ମାନଙ୍କୁ ଏକ ନୂଆ ଲୁକ ଦେବା ପାଇଁ ପ୍ରସ୍ତୁତ ହୋଇ ଆସିଛୁ । ଏଠାରେ ଗ୍ରାହକମାନେ କମ ଖର୍ଚ୍ଚରେ ଅଧିକ ସପିଙ୍ଗର ସୁବିଧା ପାଇପାରିବେ ।"

# ଓଡ଼ିଶାରେ ଜିଓର ଜୟଯାତ୍ରା ଜାରି

ଭୁବନେଶ୍ୱର: ଓଡ଼ିଶାର ସର୍ବାଧିକ ପସନ୍ଦଯୋଗ୍ୟ ଡିଜିଟାଲ ସେବା ପ୍ରଦାନକାରୀ ଭାବେ ରିଲାଏନ୍ସ ଜିଓ ଏହାର ଜୟଯାତ୍ରା ଜାରି ରଖିଛି । ଟେଲିକମ୍ ନିୟାମକ ଟ୍ରାଇ ରିପୋର୍ଟ ଅନୁସାରେ ଅଗଷ୍ଟରେ ରିଲାଏନ୍ସ ଜିଓ ଓଡ଼ିଶାରେ ୩.୪୭ ଲକ୍ଷ ନୂଆ ଉପଭୋକ୍ତା ଯୋଡିଛି । ଏୟାରଟେଲ, ଭୋଡାଫୋନ୍ ଆଇଡିଆ ଏବଂ ବିଏସ୍‌ଏନ୍‌ଏଲ୍ ସମେତ ଅନ୍ୟ ଟେଲିକମ୍ ସେବା ପ୍ରଦାନକାରୀମାନେ ଏହି ସମୟରେ ଲକ୍ଷ ଲକ୍ଷ ଉପଭୋକ୍ତା ହରାଇଥିବାବେଳେ ଜିଓ ଏହାର କାୟା ବିସ୍ତାର କରିଚାଲିଥିବା ଟ୍ରାଇ ରିପୋର୍ଟରୁ ଜଣାଯାଇଛି । ଜିଓ ହେଉଛି ଏକ ମାତ୍ର କମ୍ପାନି, ଯିଏକି ଅଗଷ୍ଟରେ ରାଜ୍ୟ ତଥା ଶେଷରେ ନୂଆ ଉପଭୋକ୍ତା ଯୋଡ଼ିଛି । ଟ୍ରାଇ ପ୍ରଦତ୍ତ ତଥ୍ୟ ଅନୁସାରେ, ଜିଓ ଉପଭୋକ୍ତା ଯୋଡ଼ିଥିଲେ ମଧ୍ୟ ଅନ୍ୟ କମ୍ପାନୀଗୁଡ଼ିକ ବୃହତ୍ ସଂଖ୍ୟାରେ ଉପଭୋକ୍ତା ହରାଇଥିବାରୁ ଓଡ଼ିଶାରେ ମୋଟ୍ ମୋବାଇଲ ଉପଭୋକ୍ତା ସଂଖ୍ୟାରେ ୪.୦୮ ଲକ୍ଷ ହ୍ରାସ ଘଟିଛି । ଏୟାରଟେଲ ପ୍ରତିଥର ଭଳି ଏଥର ମଧ୍ୟ ଲକ୍ଷେରୁ ଉର୍ଦ୍ଧ୍ୱ ଉପଭୋକ୍ତା ହରାଇଛି । ୨୦୧୯ ଅଗଷ୍ଟରେ ଏହା ୧.୧୮ ଲକ୍ଷ ଉପଭୋକ୍ତା ହରାଇଛି । ସେହିଭଳି ଭୋଡାଫୋନ୍ ଆଇଡିଆ ୧.୧୧ ଲକ୍ଷ ଉପଭୋକ୍ତା ହରାଇଥିବାବେଳେ ବିଏସ୍‌ଏନ୍‌ଏଲ୍ ୫.୨୫ ଲକ୍ଷରୁ ଉର୍ଦ୍ଧ୍ୱ ଉପଭୋକ୍ତା ହରାଇଥିବା ଟ୍ରାଇ ରିପୋର୍ଟରୁ ଜଣାଯାଇଛି ।

ଅଗଷ୍ଟରେ ଜାତୀୟ ସ୍ତରରେ ମଧ୍ୟ ଜିଓ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଏହି ମାସରେ ସମଗ୍ର ଦେଶରେ ଜିଓ ୮୪.୪୫ ଲକ୍ଷ ଉପଭୋକ୍ତା ଯୋଡିଛି । ଦେଶର ଏକମାତ୍ର ଟେଲିକମ୍ କମ୍ପାନି ଭାବେ ଏହା ଆଲୋଚ୍ୟ ମାସରେ ଉପଭୋକ୍ତା ଯୋଡ଼ିଛି । ଅନ୍ୟ ଟେଲିକମ୍ କମ୍ପାନି ମଧ୍ୟରେ ଭୋଡାଫୋନ୍ ଆଇଡିଆ ୪୯.୫୬ ଲକ୍ଷରୁ ଉର୍ଦ୍ଧ୍ୱ ଉପଭୋକ୍ତା ହରାଇଥିବାବେଳେ ଏୟାରଟେଲ ଏବଂ ବିଏସ୍‌ଏନ୍‌ଏଲ୍ ମଧ୍ୟ ଲକ୍ଷାଧିକ ଉପଭୋକ୍ତା ହରାଇଥିବା ଟ୍ରାଇ ତଥ୍ୟରୁ ଜଣାଯାଇଛି । ପ୍ରକାଶଯୋଗ୍ୟ, ରିଲାଏନ୍ସ ଜିଓ ୨୦୧୮-୧୯ ଆର୍ଥିକବର୍ଷର ପ୍ରତି ମାସରେ ଓଡ଼ିଶାରେ ସର୍ବାଧିକ ଉପଭୋକ୍ତା ଯୋଡ଼ି ସବୁଠାରୁ ପସନ୍ଦଯୋଗ୍ୟ ସେବା ପ୍ରଦାନକାରୀର ମାନ୍ୟତା ବଜାୟ ରଖିଛି । ଓଡ଼ିଶା ବଜାରରେ ସେବା ପ୍ରଦାନ କରିବାର ୩ ବର୍ଷ ମଧ୍ୟରେ ଏହା ୨୦୧୯ ଜୁନ୍‌ରେ ୧ କୋଟି ଉପଭୋକ୍ତା ହାସଲ କରିବାର ମାଇଲଖୁଣ୍ଟ ଅତିକ୍ରମ କରିଛି । ସମ୍ପୂର୍ଣ୍ଣ ୪ଜି ନେଟ୍‌ୱର୍କ, ୪ଜି ନେଟ୍‌ୱର୍କ କଭରେଜ୍‌ର ଦ୍ରୁତ ସମ୍ପ୍ରସାରଣ ଏବଂ ବହୁ ଲୋକପ୍ରିୟ ତଥା ପକେଟ୍‌କୁ ସୁହାଉଥିବା ଜିଓଫୋନ୍ ଜରିଆରେ ଏହା ପ୍ରତିମାସ ବୃହତ୍ ସଂଖ୍ୟାରେ ଉପଭୋକ୍ତା ଯୋଡ଼ିଚାଲିଛି ।

ପ୍ରକାଶଯୋଗ୍ୟ, ଜିଓ ଇତିମଧ୍ୟରେ ଜିଓଫୋନ୍ ଦିୱାଲି ୨୦୧୯ ଅଫର ଆଣିଛି । ଏହି ଅଫର ଜରିଆରେ ୪ଜି ସମର୍ଥିତ ଜିଓଫୋନ୍ ମାତ୍ର ୬୯୯ ଟଙ୍କାରେ ଉପଲବ୍ଧ ଏବଂ ପରବର୍ତ୍ତୀ ରିଚାର୍ଜଗୁଡିକରେ ଏଥିରେ ଅତିରିକ୍ତ ମାଗଣା ଡାଟା ମିଳିବ ।

# ଏସ୍‌ବିଆଇ ଗ୍ରାହକ ସେବା କେନ୍ଦ୍ରରେ ଠକେଇ

ବାଲେଶ୍ୱର,(ପିଏନ): ସଦର ବ୍ଲକ ଅଧୀନସ୍ଥ ଝାମ୍ପୁରାହାଟରେ ଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନାମରେ ଖୋଲିଥିବା ଏକ ଗ୍ରାହକ ସେବା କେନ୍ଦ୍ରରେ ଜଣେ ବ୍ୟକ୍ତି ଠକେଇର ଶିକାର ହୋଇଥିବା ଅଭିଯୋଗ ହୋଇଛି । ଏନେଇ ସମ୍ପୃକ୍ତ ବ୍ୟକ୍ତି ପ୍ରଥମେ ଏସ୍‌ବିଆଇରେ ଜଣାଇବା ପରେ ଚାନ୍ଦିପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ମୂଳେ ୮୧/୧୯ରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଛି । ପୁଲିସଠାରୁ ମିଳିଥିବା ସୂଚନା ଅନୁଯାୟୀ, ସ୍ଥାନୀୟ ହିଡିଗାଁ ଅଞ୍ଚଳର ତପନ ବେଜ୍ ନାମକ ଜଣେ ବ୍ୟକ୍ତି ୨୦୧୬ ମସିହା ଅକ୍ଟୋବର ୧୭ ତାରିଖ ଦିନ ଝାମ୍ପୁରାହାଟରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଗ୍ରାହକ ସେବା କେନ୍ଦ୍ରରେ ୨୫ ହଜାର ଟଙ୍କାର ଫିକ୍ସ ଡିପୋଜିଟ୍ କରିଥିଲେ । ଟଙ୍କା ଜମା କରିବା ପରେ କେନ୍ଦ୍ର ତରଫରୁ ତାଙ୍କୁ ଜମା ସମ୍ବନ୍ଧୀୟ ଏକ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା । ତେବେ ନିକଟରେ ତାଙ୍କ ଆକାଉଣ୍ଟରୁ ହଠାତ୍ ୫୨ ହଜାର ଟଙ୍କା କମିଯିବା ନେଇ ସେ ବିଚଳିତ ହୋଇ ଗ୍ରାହକ ସେବା କେନ୍ଦ୍ରରେ ଦେଖା କରିଥିଲେ । ହେଲେ ସେଠାରେ ତାଙ୍କ ଅଭିଯୋଗ କେହି ଶୁଣିନଥିଲେ । ଏହାପରେ ଶ୍ରୀ ବେଜ୍ ବାଲେଶ୍ୱର ଏସବିଆଇ ଶାଖା ଅଧିକାରୀଙ୍କୁ ଦେଖା କରି ଏ ସମ୍ପର୍କରେ ଜଣାଇବା ପରେ ଗ୍ରାହକ ସେବା କେନ୍ଦ୍ର ଫିକ୍ସ ଡିପୋଜିଟ୍ ସମ୍ବନ୍ଧୀୟ କୌଣସି ସାର୍ଟିଫିକେଟ୍ ଇସ୍ୟୁ କରିପାରିବ ନାହିଁ ବୋଲି କହିବା ସହ ତାଙ୍କ ଟଙ୍କା ସେହିମାନେ ହଡପ କରିଥାଇପାରନ୍ତି ବୋଲି ଜଣାଇଥିଲେ । ଏହାପରେ ଶ୍ରୀ ବେଜ୍ କେନ୍ଦ୍ରରର ମାଲିକଙ୍କୁ ବାରମ୍ବାର ଦେଖା କରି ତାଙ୍କ ଟଙ୍କା ଫେରାଇବାକୁ ପରାମର୍ଶ ଦେଇଥିଲେ । ହେଲେ କିଛି ସୁଫଳ ନମିଳିବାରୁ ଶେଷରେ ଗ୍ରାହକ ସେବା କେନ୍ଦ୍ରର ମାଲିକ ସତ୍ୟବ୍ରତ ପାଣିଗ୍ରାହୀ, କବିତା ପାଣିଗ୍ରାହୀ ଓ ସେଠାରେ କାମ କରୁଥିବା ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି ।

## ପୋଖରୀରେ ବୁଡି ଛାତ୍ରର ମୃତ୍ୟୁ

ବାଙ୍କୀ (ପିଏନ)-ବାଙ୍କୀ ଥାନା ଅନ୍ତର୍ଗତ ଅନୁଆରୀ ପଂଚାୟତ ଗୋପଗ୍ରାମର ସିପୁନ ରାଉତ(୧୭)ଙ୍କର ଆଜି ନିଜ ଗ୍ରାମ ପୋଖରୀରେ ବୁଡି ମୃତ୍ୟୁ ଘଟିଛି । ଘଟଣାରୁ ପ୍ରକାଶ ସିପୁନ ରାଉତ ପିତା ବାଟି ରାଉତ, ଆଜି ନିଜ ଗ୍ରାମ ପୋଖରୀକୁ ଅପରାହ୍ଣ ୩.୩୦ମିନିଟ୍ ସମୟରେ ଗାଧୋଇବାକୁ ଯାଇଥିବା ବେଳେ ସେଠାରେ ସେ ବୁଡିଯାଉଥବାର ଦେଖି ଏକ ଟ୍ରାକ୍ଟର ଡ୍ରାଇଭର ସେହି ସମୟରେ ଘଟଣା ସ୍ଥଳରେ ପହଞ୍ଚି ପରିବାର ବର୍ଗଙ୍କୁ ଜଣାଇଥିଲେ । ପରବର୍ତ୍ତୀ ସମୟରେ ତାଙ୍କୁ ବାଙ୍କୀ ସରକାରୀ ଡାକ୍ତରଖାନାକୁ ଅଣାଯାଇଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ସୂଚନା ଥାଉକି ସିପୁନ ରାଉତ ୧୦ମଶ୍ରେଣୀ ରେ ପଢୁଥିବା ବେଳେ ତାଙ୍କର ପିତା ବାଟି ରାଉତ ଚାଷବାସ କରିଥାଆନ୍ତି । ତାଙ୍କର ମୃତ୍ୟୁରେ ପରିବାର ପକ୍ଷକୁ ସରକାରୀଙ୍କ ତରଫରୁ ଆର୍ଥୀକ ସହାୟତା ପ୍ରଦାନ କରିବା ପାଇଁ ଗ୍ରାମବାସୀମାନେ ଦାବୀ ଜଣାଇଛନ୍ତି ।

## ବ୍ରହ୍ମପୁରା କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ

ବାଙ୍କୀ (ପିଏନ)- ବାଙ୍କୀ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁରା କ୍ଲଷ୍ଟରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାଧନ କେନ୍ଦ୍ର ସଂଯୋଜକ ସୂର୍ଯ୍ୟମଣୀ ବେହେରାଙ୍କ ସଂଯୋଜନାରେ ୧୪ଗୋଟି ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ପ୍ରବନ୍ଧ, ବିତର୍କ , ଚିତ୍ରାଙ୍କନ, କୁଇଜ୍, ସୃଜନାତ୍ମକ ଲିଖନ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ବ୍ରହ୍ମପୁରା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପ୍ରଭାବତୀ ଦେବୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥିଭାବରେ ବାଙ୍କୀ ବ୍ଲକ ଶିକ୍ଷାଧିକାରୀ ଅଶୋକ କୁମାର ମହାନ୍ତି, ଏ.ବି.ଓ ରୁକ ନାୟକ ସମ୍ମାନୀତ ଅତିଥିଭାବେ ବିଜୟାନନ୍ଦ ପାତ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷାର ସଂପର୍କରେ ପରାମର୍ଶ ଦେଇଥିଲେ । ବିଚାରକ ଭାବେ ଶିକ୍ଷକ ବେଣୁଧର ଦେବତା , ବସନ୍ତ ପରିଡା, ରଞ୍ଜିତ ପରିଡା, ମିଟୁ ବେହେରା, ରାଧାଶ୍ୟାମ ପରିଜା, ଗଣେଶ୍ୱର ବେହେରା କାର୍ଯ୍ୟକ୍ରମକୁ ସଂପାଦନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସୋମନାଥ ଖଟୁଆ , ସସ୍ମିତା ଗ୍ରହାଚାର୍ଯ୍ୟ , ନଗେନ ପରିଡା, ସୁଧାକର ମହାନ୍ତି ପରିଚାଳନାରେ ଅଂଶ ଗ୍ରହଣ କରିଥିଲେ । ଶେଷରେ କୃତି ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ବାଙ୍କୀ ଆହାର କେନ୍ଦ୍ରକୁ ଆଇ.ଏସ୍.ଓ ସ୍ୱିକୃତି

ବାଙ୍କୀ (ଆ.ପ୍ର)-୧୯।୧୦, ବାଙ୍କୀ ସହରରେ ସ୍ଥାପିତ ହୋଇଥିବା ଆହାର କେନ୍ଦ୍ରକୁ ଆଇ.ଏସ.ଓ ମାନ୍ୟତା ପ୍ରଦାନ କରାଯାଇଛି । ଗତ ଦୁଇବର୍ଷ ତଳେ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଉଦ୍‌ଘାଟିତ ହୋଇଥିବା ଏହି ଆହାର କେନ୍ଦ୍ରରେ ପ୍ରତ୍ୟହ ୩୦୦ଜଣଙ୍କ ପାଇଁ ଖାଦ୍ୟ ସୁଲଭ ମୂଲ୍ୟରେ ପ୍ରଦାନ କରାଯାଉଅଛି ।

# ମହାବେରଣା ଉନ୍ନୟନ କମିଟିର ତୃତୀୟ ବାର୍ଷିକ ସମ୍ମିଳନୀ

ବାଙ୍କୀ (ପିଏନ)- ବାଙ୍କୀ ମହାବେରଣା ଉନ୍ନୟନ କମିଟିର ତୃତୀୟ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପଶ୍ଚିମ ବାଙ୍କୀର ଗଣ୍ଡି ବେତଗ୍ରାମ ପଥୁରୀପଡା ଓ ଅନୁଆରୀ ସୀମାରେ ମା'ମହାବେରଣା ଶକ୍ତିପୀଠ ଅବସ୍ଥିତ । ଏହି ଅବସରରେ ବାର୍ଷିକ ଉତ୍ସବ ପକ୍ଷରୁ ଭଜନ ସମାରୋହ , ରାମଚରିତ ମାନସ, ପାରାୟଣ ଆଦି ଅନୁଷ୍ଠିତ ହେଉଥିବା ବେଳେ ମା'ଙ୍କର ଆସନ ଘୋଡା ଓ ପୂଜକ ଦେହୁରୀ ସଂପ୍ରଦାୟର ହୋଇଥିବା ବେଳେ ମା'ଙ୍କୁ ଆଶ୍ରୟ କରି ଏହି ଅଂଚଳର ଅନେକ ଅନୁଷ୍ଠାନ ଗଢ଼ିଉଠିଛି । ପ୍ରତ୍ୟେକ ଦିନ ଏହି ସ୍ଥାନକୁ ବହୁ ଭକ୍ତଙ୍କର ଆଗମନ ହେଉଥିବା ବେଳେ ବହୁ ମାନସୀକ ଧାରି ଭକ୍ତମାନେ ମା'ଙ୍କ ପୀଠରେ ମାନସୀକ ଘୋଡା ବସାନ୍ତି । ଆଜି ପ୍ରତ୍ୟୋହରେ ମା'ଙ୍କ ପୂଜାର୍ଚ୍ଚନା ପରେ ସତସଂଗ ମଣ୍ଡଳୀ କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ଓଡ଼ିଆ ପଦ୍ୟାନୁବାଦ, ସୁନ୍ଦର କାଣ୍ଡ ପରାୟଣ କରିଥିଲେ । ଏଥିରେ ସର୍ବଶ୍ରୀ ଉନ୍ନୟନ କମିଟି ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ତ୍ରିପାଠୀ, କବି ସୁନୀଲ କୁମାର ମିଶ୍ର, ପ୍ରଧାପକ ସୀତାକାନ୍ତ ପାଣିଗ୍ରାହୀ, କବିନ୍ଦ୍ର ସ୍ୱାଇଁ, ଶ୍ରୀନିବାସ ବିଶ୍ୱାଳ, ଦିଲ୍ଲୀପ୍ ପାଣିଗ୍ରାହୀ, ପୁଲ୍ଲଭ ଜଗଦେବ , ଆନନ୍ଦ ଚନ୍ଦ୍ର ନାୟକ, ବ୍ରଜବନ୍ଧୁ ନାୟକ, ସଂଜୀବ କୁମାର ଜଗଦେବ, ଦ୍ୱାରିକା ନାଥ ଜଗଦେବ, ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ପୂର୍ବତନ ସରପଂଚ ପ୍ରଯୁକ୍ତ ନାୟକ ପ୍ରମୁଖ ବହୁ ବିଶିଷ୍ଟ ଭକ୍ତ ଓ ନେତୃମଣ୍ଡଳୀ ଯୋଗଦେଇଥିଲେ । ଦିନସାରା କାର୍ଯ୍ୟକ୍ରମ ପରେ ସଂଧ୍ୟାରୁ ରାତି ୧୧ଟି ପର୍ଯ୍ୟନ୍ତ ୫ମଣ୍ଡଳୀ ଭାଗବତ, ଜଗନ୍ନାଥ ଦାଶ କୃତ ଓଡ଼ିଆ ଭାଗବତ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା । ଉନ୍ନୟନ କମିଟିର ୩ୟ ବାର୍ଷିକ ସମାରୋହ ଆୟବ୍ୟୟ ଉପସ୍ଥାପନା କରାଯିବା ସହ ଆଗାମୀ ଦିନରେ ଉନ୍ନୟନ କମିଟି ପାଇଁ ଭବିଷ୍ୟତ କାର୍ଯ୍ୟ ପନ୍ଥା ସ୍ଥିର କରାଯାଇଥିଲା । ମା'ଙ୍କ ପୀଠରେ ବର୍ଷତମାମ୍ ବିବାହ , ବ୍ରତ , ନିର୍ବନ୍ଧ, ଭାଗବତ ଆଦି କାର୍ଯ୍ୟକ୍ରମ ଏଠାରେ ଅନୁଷ୍ଠିତହୋଇଥାଏ । ସୂଚନା ଥାଉକି କୋଚିଲା ଗଛମୂଳେ ମା'ଅବସ୍ଥିତ , ମନ୍ଦିର ନିର୍ମାଣ ନକରିବା ପାଇଁ ଅନେକ ଭକ୍ତଙ୍କୁ ମା'ସ୍ୱପ୍ନଦିଷ୍ଟ ହୋଇଛନ୍ତି ବୋଲି ଜନଶ୍ରୁତି ଶୁଣିବାକୁ ମିଳେ ।

# ସୋରୟସିସ୍ ରୋଗୀଙ୍କୁ ବହୁ ଅନ୍ୟ ରୋଗ ହେବାର ଆଶଙ୍କା ରହିଥାଏ

ଭୁବନେଶ୍ୱର : ରାଷ୍ଟ୍ରୀୟ ସୋରୟସିସ୍ ଫାଉଡେସନ୍ ଅନ୍ତର୍ଗତ ବିଶ୍ୱରେ ୧୨୫ ମିଲିୟନ ଲୋକ ସୋରୟସିସ୍ ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ଚଳିତ ବର୍ଷ ବିଶ୍ୱ ସୋରୟସିସ୍ ଦିବସ ଅବସରରେ ବିଶେଷଜ୍ଞ ମନେ ଏହି ରୋଗର ସଂକେତ, ଲକ୍ଷଣ ଏବଂ ଚିକିତ୍ସା ପରେ ମଧ୍ୟ ଏହି ରୋଗ ପ୍ରତି ବିଶେଷ ଧ୍ୟାନ ଦେବା ଉପରେ ମହତ୍ୱ ଦେଇଛନ୍ତି । ଏହା ମୁଖ୍ୟତଃ ଚର୍ମ ଦ୍ୱାରା କିମ୍ବା କସ୍‌ମେଟିକ୍ ଦ୍ୱାରା ହୋଇଥାଏ । ଏହା ମୁଖ୍ୟତଃ କୋହୁଣି, ଆଣ୍ଠୁ ଏବଂ ମୁଣ୍ଡରେ ଦେଖାଯାଇଥାଏ । ଏହାଦ୍ୱାରା ତ୍ୱାଚା ଶୁଷ୍କ ହୋଇଯିବା ସହ ପ୍ରବଳ କୁଣ୍ଡାଇ ହୋଇଥାଏ । ଗବେଷଣା ମାଧ୍ୟମରେ ଜଣାଯାଇଛି ଯେ, ସୋରୟସିସ୍ ହେବା ଦ୍ୱାରା କୋଲେଷ୍ଟ୍ରଲ, ମୋଟାପା ଓ ହୃଦ୍ ରୋଗ ଜଡିତ ଅଛି ଏବଂ ସଠିକ୍ ସମୟରେ ସୋରୟସିସ୍‌ର ଚିକିତ୍ସା କରାନଗଲେ ବହୁ ଅନ୍ୟ ରୋଗ ଜନ୍ମିବା ସମ୍ଭାବନା ମଧ୍ୟ ରହିଛି ।

ଏହି ଅବସରରେ ଭୁବନେଶ୍ୱରର ଅଗ୍ରୱାଲ୍ ହେୟାର କ୍ଲିନିକ୍ ଓ ଲେଜର୍ କ୍ଲିନିକ୍, ଡରମେଟୋଲଜିଷ୍ଟ, ଶ୍ରୀଯୁକ୍ତ କିଶନ ଅଗ୍ରୱାଲ୍ କହିଛନ୍ତି ଯେ, "ଲୋକ ମାନେ ସୋରୟସିସ୍‌କୁ ଏକ ଛୋଟ ରୋଗ ବୋଲି ଭାବିଥାନ୍ତି । ଯାହାକି ସମୟ କ୍ରମେ ଠିକ୍ ହୋଇଯିବାର ଆଶା ମଧ୍ୟ ରହିଥାଏ । ଆମ କ୍ଲିନିକ୍‌ର ଗବେଷଣା ଅନୁଯାଇ ଚର୍ମ ରୋଗ ମଧ୍ୟରୁ ୧୦ ପ୍ରତିଶତ ଲୋକ ସୋରୟସିସ୍‌ରେ ଆକ୍ରାନ୍ତ ହୋଇଥାନ୍ତି । ବାୟୋଲାଜିକ୍ସ ପରି ଚିକିତ୍ସା ସୋରୟସିସ୍‌ର ଉତ୍ତମ ଚିକିତ୍ସା ଭାବରେ ଜଣାଯାଇଛି । ରୋଗୀ ମାନଙ୍କୁ ଚିକିତ୍ସା ବିଶେଷଜ୍ଞଙ୍କ ଠାରୁ ପରାମର୍ଶ ନେଇ ଏହାର ଗମ୍ଭୀରତା ସମ୍ବନ୍ଧରେ ଜାଣିବାକୁ ପରାମର୍ଶ ଦିଆଯାଇଛି ।"

# ଏସିଆ-ପାସିଫିକ୍ ପର୍ଯ୍ୟଟନ ସମୟରେ ଖାଦ୍ୟ ଏବଂ ୱାଇନ୍‌ର ଆନନ୍ଦ ନିଅନ୍ତୁ

ଭୁବନେଶ୍ୱର : ଏସିଆ ପାସିଫିକ୍ ପର୍ଯ୍ୟଟନ ସମୟରେ କେତେକ ପ୍ରାକୃତି ପଣାଳୀରେ ପସ୍ତୁତ ସ୍ଥାନୀୟ ଖାଦ୍ୟ ଏବଂ ୱାଇନ୍‌ର ଆନନ୍ଦ ନେବାକୁ ଭୁଲନ୍ତୁ ନାହିଁ । ଏହା ପର୍ଯ୍ୟଟନକୁ ସ୍ମୃତିବହୁଳ କରିବାକୁ ସକ୍ଷମ ହେବ ।

୧. ହଂଟର ଭ୍ୟାଲି, ନିୟୁ ସାଉଥ୍ ୱେଲସ୍, ଅଷ୍ଟ୍ରେଲିଆ

ଏଠାରେ ୱାଇନ୍ ସମ୍ପୂର୍ଣ୍ଣ ଭାବେ ପ୍ରାକୃତିକ ଶୈଳୀରେ ପ୍ରସ୍ତୁତ ହେଉଥିବାବେଳେ ଗୁଣବର୍ତାଯୁକତ ରେଷ୍ଟୁରାଂଟ୍ ଏବଂ ରଙ୍ଗବେରଙ୍ଗ ବଜାର ପର୍ଯ୍ୟଯକଙ୍କୁ ଆକର୍ଷିତ କରିବାକୁ ସକ୍ଷମ ହୋଇଥାଏ । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଏଠାକାର ପରିବେଶ ସଭିଙ୍କୁ ବେଶ୍ ଆକର୍ଷିତ କରିଥାଏ ।

ୱାଇନ୍ ଲଭର ଏଠାରେ ଏରାଉଣ୍ଡ୍ ହରମିଟେଜ୍ ୱାଇନ୍ ଏବଂ ଖାଦ୍ୟର ଆନନ୍ଦ ନେଇ ପାରିବେ । ଏଠାକାର ଓଲିଭିଜ୍, ଚିଜ୍ ଏବଂ ପନିପରିବା ଦ୍ୱାରା ପ୍ରସ୍ତୁତ ଉତ୍ପାଦ ବେଶ୍ ସ୍ୱାଦିଷ୍ଟ ।

୨. ୟାମାନାଶି ପରଫେକଚର୍, ଜାପାନ

ଦକ୍ଷିଣ-ପଶ୍ଚିମ ଟୋକିଓରେ ଫୁଜି ପାହାଡ଼ର ପାଦ ଦେଶରେ ଥିବା ଏହି ସ୍ଥାନ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ । ଏଠାରେ ଓରଚାଡ୍ ଫ୍ରୁଟ୍ ଚାଷ କରାଯିବା ସହିତ ଜାପାନର ଏକ ପ୍ରମୁଖ ୱାଇନ୍ ପ୍ରସ୍ତୁତ ସ୍ଥଳୀ । ଏଠାରେ ୮୦ ପ୍ରତିଶତ ୱାଇନ୍ ପ୍ରସ୍ତୁତକାରୀ ଅଛନ୍ତି । ଏଠାରେ ପ୍ରସ୍ତୁତ ଧଳା ରଙ୍ଗର କୋଶୁ ଏବଂ ଲାଲ୍ ରଙ୍ଗ ମ୍ୟୁସକାଟ୍ ବାର୍ଲି ବେଶ୍ ଲୋକପ୍ରିୟ ।

୩. ଅୟାଥୟା ଭିନେୟାର୍ଡ, ମ୍ୟାନ୍‌ମାର୍

ଆୟାଥୟା ମ୍ୟାନ୍‌ମାର୍‌ର ପ୍ରଥମ ଭିନେୟାର୍ଡ ।ଏହା ଶାନ୍ ରାଜ୍ୟର ରାଜଧାନୀ ତୁଙ୍ଗାୟିଠାରେ ରହିଛି । ଏହା ୧୯୯୯ରେ ସ୍ଥାପିତ ହୋଇଥିଲା । ଏଠାରେ ୱାଇନ୍ ଟେଷ୍ଟିଂ, ୱାଇନ୍ ଟୁର୍ ଏବଂ ଘରୋଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଏଠାକାର ସିଗ୍ନେଚର ୱାଇନ୍ ମଧ୍ୟରେ _ଆୟଥୟା ରେଡ୍ ଅନ୍ତର୍ଗତ ଶିରାଜ୍, ଡୋର୍ନଫେଲଡେର୍ ଏବଂ ଟେମ୍ପ୍ରୋନିଲୋ ବ୍ଲେଣ୍ଡ୍ ଆଦି ରହିଛି । ସେହିପରି ଆୟଥୟା ହ୍ୱାଇଟ୍ ଅର୍ନ୍ତଗତ ସୌଭିଗ୍ନୋନ୍ ବ୍ଲାଙ୍କ୍,ଡୋମିନାଂଟ୍ ହ୍ୱାଇଯ୍ ବ୍ଲେଣ୍ଡ୍ ତଥା ଆୟଥୟା ରୋଜ୍ ୱାଇନ୍ ରହିଛି ।

୪. ସୁଲା ଭିନେୟାର୍ଡ, ନାସିକ୍, ଭାରତ

ଏହା ଏସିଆର ଶ୍ରେଷ୍ଠ ୱାଇନାରୀ । ଏହା ଭାରତର ନାସିକ୍‌ର ନେପା ଉପତ୍ୟକାରେ ରହିଛି । ଏଠାରେ ପର୍ଯ୍ୟଟନ ସୁବିଧା ରହିଛି । ପର୍ଯ୍ୟଟନରେ ୱାଇନ୍ ପ୍ରସ୍ତୁତ, ୱାଇନ୍ ଟେଷ୍ଟିଂ ଏବଂ ଖାଦ୍ୟ ଯୋଗାଇ ଦିଆଯାଇଥାଏ । ପ୍ରତିବର୍ଷ ଏଠାରେ ୱାଇନ୍ ଫେଷ୍ଟିଭାଲ୍ ସୁଲାଫେଷ୍ଟ ଅନୁଷ୍ଠିତ ହୋଇଥାଏ ।

୫. ଗ୍ରାନ୍ ମୋଂଟେ, ଥାଇଲାଣ୍ଡ୍

ଥାଇଲାଣ୍ଡର ନେପା ଉପତ୍ୟକାରେ ଗ୍ରାନ୍ ମୋଂଟେ ଅବସ୍ଥିତ । ଏହା ଖୋହ ୟାଇ ଜାତୀୟ ପାର୍କ ବାହାରେ ରହିଛି । ଏଠାରେ ଫ୍ୟାମିଲି ରନ୍ ୱାଇନରୀ ଉତ୍ପାଦ ମଧ୍ୟରେ ସାୟରହ, କେବରନେଟ୍ ସୋଭିଗ୍ନାନ୍, ଚେନିନ୍ ବ୍ଲାଙ୍କ୍, ଭିଓଗ୍ ନିଅର, ଡୁରିଫ୍ ଏବଂ ଗ୍ରୀନାଚ୍ ଆଦି ରହିଛି । ଏଠାରେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ରେଷ୍ଟୁରାଂଟ୍, ଗେଷ୍ଟ ହାଉସ୍ ରହିଛି । ଏଠାରେ ସ୍ୱାଦିଷ୍ଟ ଥାଇ ଖାଦ୍ୟ ପ୍ରସ୍ତୁତ ହୋଇଥାଏ ।

# ସାଓମି ପକ୍ଷରୁ ୬୪ଏମ୍‌ପି କ୍ୱାଡ଼ କ୍ୟାମେରା ବିଶିଷ୍ଟ ରେଡ଼ମି ନୋଟ ୮ ପ୍ରୋର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଏକ ନମ୍ବର ସ୍ମାର୍ଟଫୋନ୍ ତଥା ସ୍ମାର୍ଟ ଟିଭି ବ୍ରାଣ୍ଡ, ସାଓମି ଆଜି ଏମ୍‌ଆଇୟୁଆଇ ୧୧ ସହିତ ବହୁପ୍ରତିକ୍ଷୀତ ରେଡ଼ମି ନୋଟ୍ ୮ ସିରିଜ୍ ସ୍ମାର୍ଟଫୋନ୍‌ର ଶୁଭାରମ୍ଭ କରାଯାଇଛି । ଏକ ୨୦ ଏମ୍‌ପି ସେଲ୍ଫି ସୁଟର୍ ସହ ବ୍ୟବସ୍ଥିତ ଏହି ସ୍ମାର୍ଟଫୋନ ଅକ୍ଟାକୋର୍-ହେଲିଓ ଜି୯୦ଟି ମୋବାଇଲ୍ ପ୍ଲାଟ୍‌ଫର୍ମ ଏହି ସେଗ୍‌ମେଣ୍ଟରେ ଏକ ଅଭୂତପୂର୍ବ ଗେମିଂ କ୍ଷମତା ପ୍ରଦାନ କରୁଛି । ନୂତନ ଅଉରା ଡିଜାଇନ୍ ସହିତ ଅତି ସୁନ୍ଦର ଗାମା ଗ୍ରିନ୍ ରଙ୍ଗ ଓ ଦୁଇଟି କର୍ଣ୍ଣିଂ ଗରିଲା ଗ୍ଲାସ୍ ୫, ବୈଶିଷ୍ଟ୍ୟ ପ୍ରଦାନକରି ରେଡ଼ମି ନୋଟ୍ ୮ ପ୍ରୋ ଏକ ସୁନ୍ଦର, ଚିତାକର୍ଷକ ଡିଜାଇନ୍‌ରେ ବ୍ୟବସ୍ଥିତ ହୋଇ ଆସିଛି । ରେଡ଼ମି ନୋଟ୍ ୮ ପ୍ରୋ ହେଉଛି ଭାରତର ପ୍ରଥମ ସ୍ମାର୍ଟଫୋନ, ଯାହା ଆମାଜନ୍ ଆଲେକ୍ସା ବିଲ୍ଟ-ଇନ୍ ସହିତ ଶୁଭାରମ୍ଭ ହେଉଛି । ରେଡ଼ମି ନୋଟ୍ ୮ ପ୍ରୋ ଏକ ବିଶାଳ ସକ୍ଷମତା ବିଶିଷ୍ଟ ୪୫୦୦ ଏମ୍‌ଏଏଚ୍ ବ୍ୟାଟେରୀ ପ୍ରଦାନ କରୁଛି, କିନ୍ତୁ ଏହା ବାକ୍ସ ବାହାରେ ୟୁଏସ୍‌ବି-ସି ଟାଇପ୍‌ରେ ୧୮ ୱାଟ୍ ଶିଘ୍ର ଚାର୍ଜିଂକୁ ସମର୍ଥନ କରୁଛି । ମନୁ ଜୈନ, ଉପସଭାପତି, ସାଓମି ଏବଂ ପରିଚାଳନା ନିର୍ଦ୍ଦେଶକ, ସାଓମି ଇଣ୍ଡିଆ ପ୍ରକାଶ କରିଛନ୍ତି, "ଆମେ ଆମର ୬୪ ଏମ୍‌ପି କ୍ୱାଡ଼ କ୍ୟାମେରା ବିଷ୍ଟ-ରେଡ଼ମି ୮ ପ୍ରୋର ଶୁଭାରମ୍ଭ କରି ଖୁବ୍ ଉତ୍ସାହିତ, ଯାହା ବିଶ୍ୱର ପ୍ରଥମ ୬୪ ଏମ୍‌ପି ସେନ୍ସର ଓ ହେଲିଓ ଜି୯୦ଟି ଚିପ୍‌ସେଟ୍ ସହିତ ଗେମିଂ ଓ ଇମେଜିଂ କ୍ଷେତ୍ରରେ ବେଞ୍ଚମାର୍କ ପ୍ରଦାନ କରୁଛି ।" ୬ଜିବି+୬୪ଜିବି ଓ ୬ଜିବି+୧୨୮ଜିବି ଷ୍ଟୋରେଜ୍ ଭ୍ୟାରିଆଣ୍ଟ ସହିତ ରେଡ଼ମି ନୋଟ୍ ୮ ଯଥାକ୍ରମେ ୯,୯୯୯ ଟଙ୍କା ଓ ୧୨,୯୯୯ ଟଙ୍କାରେ ଉପଲବ୍ଧ ହେଉଛି । ସେହିଭଳି ୬ଜିବି+୬୪ଜିବି, ୬ଜିବି+୧୨୮ଜିବି ଓ ୮ଜିବି+୧୨୮ଜିବି ଷ୍ଟୋରେଜ୍ ଭ୍ୟାରିଆଣ୍ଟ ସହିତ ରେଡ଼ମି ନୋଟ୍ ୮ ପ୍ରୋ ଯଥାକ୍ରମେ ୧୪,୯୯୯ ଟଙ୍କା, ୧୫,୯୯୯ ଟଙ୍କା ଓ ୧୭,୯୯୯ ଟଙ୍କାରେ ଉପଲବ୍ଧ ହେଉଛି । ଉଭୟ ସମସ୍ତ ସ୍ମାର୍ଟଫୋନ୍ ଅକ୍ଟୋବର ୨୧ରେ ମଧ୍ୟାହ୍ନ ୧୨ଟାରୁ ଏମ୍‌ଆଇ.କମ୍, ଆମାଜନ୍.ଇନ୍ ଓ ଏମ୍‌ଆଇ ହୋମ୍ ଷ୍ଟୋରମାନଙ୍କରେ ଉପଲବ୍ଧ ହେଉଥିବା ବେଳେ ସମସ୍ତ ଅଫ୍ ଲାଇନ୍ ଷ୍ଟୋରମାନଙ୍କରେ ଯଥା ଏମ୍‌ଆଇ ହୋମ୍, ଏମ୍‌ଆଇ ଷ୍ଟୁଡିଓ, ଏମ୍‌ଆଇ ଷ୍ଟୋର୍, ଏମ୍‌ଆଇକୁ ଅନୁସରଣ କରୁଥିବା ଅଂଶୀଦାର ଓ ସମସ୍ତ ରିଟେଲ୍ ସୃଙ୍ଖଳ ଇତ୍ୟାଦିରେ ମଧ୍ୟ ବିକ୍ରି ହେଉଛି । ଏହା ବ୍ୟତୀତ ଏମ୍‌ଆଇ ଏୟାର୍ ପ୍ୟୁରିଫାୟର୍ ୨ସି ଆଜି ୬,୪୯୯ ଟଙ୍କାରେ ଯାହାକି ୧୬ ଅକ୍ଟୋବର ଅପରାହ୍ନ ୪ଟାରେ ଏମ୍‌ଆଇ.କମ୍‌ରେ ଉପଲବ୍ଧ ହେଇଥିବା ବେଳେ ଏହା ୧୮ ଅକ୍ଟୋବରରେ ଏମ୍‌ଆଇ ହୋମ୍, ଫ୍ଲିପ୍‌କାର୍ଟ, ଆମାଜନ୍.ଇନ୍ ଓ ଅନ୍ୟାନ୍ୟ ଅଫ୍‌ଲାଇନ୍ ଷ୍ଟୋର୍‌ମାନଙ୍କରେ ଉପଲବ୍ଧ ହେଉଛି ।

## ଚଳିତ ଦିପାବଳୀରେ ଦି ବଡ଼ି ସପ୍‌ରୁ ପାଆନ୍ତୁ ଆକର୍ଷଣୀୟ ଉପହାର ସମ୍ଭାର

ଭୁବନେଶ୍ୱର : ଦିପାବଳୀ ହେଉଛି ସବୁଠାରୁ ଅଧିକ ଆକର୍ଷଣୀୟ ଏବଂ ଅନେକ ଦିନରୁ ଅପେକ୍ଷା କରାଯାଉଥିବା ପର୍ବ, ଯେଉଁଥିରେ ଫ୍ୟାନ୍ସି ଆଲୋକ, ମିଠା, ସାଜସଜ୍ଜା ଏବଂ ଉପହାର ନେବା ଦେବାର ପରମ୍ପରା ରହିଆସିଛି । ଯେବେକି ଉକ୍ତ ପର୍ବ ଅତିନିକଟରେ, ସେତେବେଳେ ଦି ବଡ଼ି ସପ୍ ପକ୍ଷରୁ ଉକ୍ତ ଉପଯୁକ୍ତ ଅବସରରେ ଆକର୍ଷଣୀୟ ରେଞ୍ଜର ଉପହାର ବିକଳ୍ପ ଉପଲବ୍ଧ । ମିଠା ବକ୍ସ ଏବଂ ପାରମ୍ପରିକ ଡ୍ରାଏ ଫ୍ରୁଟସ୍ ବଦଳରେ ଏକ ଅନନ୍ୟ ଉପାୟରେ ସୁନ୍ଦରଭାବେ ସଜ୍ଜିତ ହୋଇଥିବା ଦି ବଡ଼ି ସପ୍‌ର ଉପହାର ବକ୍ସକୁ ଦିଅନ୍ତୁ ।

ସୁନ୍ଦରଭାବେ ସଜ୍ଜିତ ହୋଇଥିବା ଉପହାର ବାକ୍ସରେ ଦି ବଡ଼ି ସପ୍ ପକ୍ଷରୁ ସମ୍ପୂର୍ଣ୍ଣ ବିଶ୍ୱରୁ ବିଭିନ୍ନ ଉତ୍ପାଦ ସୃଙ୍ଖଳ ଯେପରିକି, ବ୍ରିଟିସ୍ ରୋଜ୍, ଆଲମଣ୍ଡ ମିଲ୍କ ଏବଂ ମହୁ,ଷ୍ଟ୍ରବେରୀ ଜସମିନ ମୋରିଙ୍ଗା, ଆରଗାନ ଏବଂ ଆହୁରି ଅଧିକ ।

## ଦିପାବଳୀ ଉତ୍ସବ ମନାଇବା ପାଇଁ ୧୦୧ ଟଙ୍କାରେ ଭିଭୋ ସ୍ମାର୍ଟଫୋନ

ଭୁବନେଶ୍ୱର-ଅଭିନବ ସ୍ମାର୍ଟଫୋନ ବ୍ରାଣ୍ଡ ଭିଭୋ ପକ୍ଷରୁ ସାରା ଭାରତରେ ଥିବା ସମସ୍ତ ଅଫଲାଇନ ଚ୍ୟାନେଲ ମାନଙ୍କରେ ଏହାର ଉତ୍ପାଦ ଉପରେ ରୋମାଂଚକର ଅଫରମାନ ଘୋଷଣା କରାଯାଇଛି । ଏହି ଦିପାବଳୀ ପର୍ବ ଉପଲକ୍ଷେ ଅକ୍ଟୋବର ୧୮ ରୁ ୩୧ ପର୍ଯ୍ୟନ୍ତ ନବୀନତମ ଭିଭୋ ସ୍ମାର୍ଟଫୋନ ଭି୧୭ପ୍ରୋ, ଭି୧୫ପ୍ରୋ, ଜେଡ୧ଏକ୍ସ (୮ଜିବି), ଭି୧୫, ଏସ୍୧, ୱାଇ୧୭, ୱାଇ୧୫ ଏବଂ ୱାଇ୧୨ ରେ ଏହି ଅଫରମାନ ଉପଲବ୍ଧ କରାଯାଇଛି ।

ଏତଦ୍‌ବ୍ୟତିତ ଗ୍ରାହକମାନେ ଜିରୋ ପ୍ରୋସେସିଂ ଶୁଳ୍କ ଓ ଶୁନ୍ୟ ଡାଉନପେମେଂଟ ଭଳି ସ୍କିମ ସହ ବଜାଜ ଫିନସର୍ଭ, ହୋମ କ୍ରେଡିଟ, ଆଇଡିଏଫସି ଫାଷ୍ଟ ବ୍ୟାଙ୍କ, ଏଚଡିଏଫସି ବ୍ୟାଙ୍କ ଏବଂ ଏଚଡିବିଏଫ ମାଧ୍ୟମରେ ୧୨ ମାସର ଅବଧି ପର୍ଯ୍ୟନ୍ତ ନୋ କଷ୍ଟ ଇଏମଆଇ ପାଇପାରିବେ ।

ଏହା ଉପରେ ମନ୍ତବ୍ୟ ରଖି ଭିଭୋ ଇଣ୍ଡିଆର ବ୍ରାଣ୍ଡ ଷ୍ଟ୍ରାଟେଜି ନିର୍ଦ୍ଦେଶକ ନିପୁନ୍ ମାରୟା କହିଛନ୍ତି ଆମେ ସମଗ୍ର ଭାରତରେ ଉପଭୋକ୍ତା ଙ୍କ ପାଇଁ ଆକର୍ଷକ ଅଫରମାନ ଆଣିଥିବାରୁ ଖୁବ ଉତ୍ସାହିତ । ଆମର ଗ୍ରାହକମାନେ ଆଲୋକର ଉତ୍ସବ ଭିଭୋ ସହ ମାନାଇବା ପାଇଁ ଅନେକ ଆକର୍ଷକ ଅଫରମାନ ଉପଲବ୍ଧ କରାଯାଇଛି ।

ସଦ୍ୟତମ ପ୍ରକାଶିତ ଜିଏଫକେ କ୍ୟୁ୨ ରିପୋର୍ଟ ଅନୁସାରେ ଭିଭୋ ସ୍ମାର୍ଟଫୋନ ସମଗ୍ର ଦେଶରେ ସ୍ମାର୍ଟଫୋନ ବିକ୍ରିର ୨୧.୨% ଅଂଶ ରେକର୍ଡ କରିଛି । ଚଳିତ ବର୍ଷ ଭିଭୋ ଭାରତରେ ୫ ବର୍ଷ ପୁରଣ କରି ନିଜର ସ୍ଥିତିକୁ ମଜବୁତ କରିଛି ।




# ଅଶାନ୍ତ ବିଶ୍ୱକୁ ଶାନ୍ତିର ମାର୍ଗ ଦେଖାଇ ପାରିବ ସ୍ୱାମୀ ବିବେକାନନ୍ଦଙ୍କ ବିଚାର



ଆଜି ବିଶ୍ୱ ଅଶାନ୍ତ ହୋଇ ଉଠିଥିବା ବେଳେ ସ୍ୱାମୀ ବିବେକାନନ୍ଦଙ୍କ ବିଚାର ସମଗ୍ର ବିଶ୍ୱକୁ ଶାନ୍ତିର ମାର୍ଗ ଦେଖାଇପାରିବ। ସ୍ୱାମୀ ବିବେକାନନ୍ଦ ବେଦାନ୍ତର ବ୍ୟାଖ୍ୟା କରିଥିଲେ। ବେଦାନ୍ତ ବିଶ୍ୱ ବନ୍ଧୁତ୍ୱ ଓ ବିଶ୍ୱ ଭାତୃତ୍ୱର ବାର୍ତ୍ତା ପ୍ରଦାନ କରେ। ସ୍ୱାମୀ ବିବେକାନନ୍ଦ ପାଶ୍ଚାତ୍ୟ ଦେଶମାନଙ୍କରେ ସ୍ମରଣୀୟ ପ୍ରଚାର କାର୍ଯ୍ୟ ପରେ କଲମ୍ବୋ ଠାରେ ପହଂଚି ଥିଲେ। ସେଠାକାର ହିନ୍ଦୁ ସମାଜ ଦ୍ୱାରା ତାଙ୍କର ସମ୍ମାନରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ଉଦବୋଧନ ଦେଇ ସ୍ୱାମୀ ବିବେକାନନ୍ଦ କହିଥିଲେ ଯେ– ଭାରତ ହିଁ ଏକମାତ୍ର ଦେଶ ଯେଉଁ ଠାରେ ଲୋକ ମାନେ ନିଜ ନିଜ ମଧ୍ୟରେ ନିଜ ନିଜର ଛୋଟ ଛୋଟ ଦେବତା ମାନଙ୍କ ପାଇଁ ଏହା କହି କେବେହେଲେ ଲଢେଇ କରି ନାହାନ୍ତି ଯେ ମୋର ଇଶ୍ୱର ସତ ଓ ତୁମ ଇଶ୍ୱର ମିଥ୍ୟା , ଆସ ଲଢେଇ କରି ଏହାର ନିଷ୍ପତି କରି ନେବା। ଛୋଟ ଛୋଟ ଦେବତାଙ୍କୁ ନେଇ ଲଢ଼ି ନିଷ୍ପତି ନେବାର କଥା କେବଳ ଏଠାକାର ଲୋକଙ୍କ ମୁହଁରେ ଶୁଣାଯାଏ ନାହିଁ। ସେହି ଭାଷଣରେ ସ୍ୱାମୀ ବିବେକାନନ୍ଦ ପୁଣି କହିଲେ ଯେ ଭାରତରେ ଏକ ବାଣୀ ଉଠିଲା ଯିଏ ଉଦଘୋଷ କଲା ଏକଂ ସଦବିପ୍ରା ବହୁଧା ବଦନ୍ତି (ଋଗବେଦ) ଅର୍ଥାତ ସତ୍ୟ ଏକ, ବିଦ୍ୱାନ ମାନେ ତାର ଅଲଗା ଅଲଗା ବ୍ୟାଖ୍ୟା କରନ୍ତି। ସେ କହିଲେ ଯେ ଶିବ, ବିଷ୍ଣୁଙ୍କ ଅପେକ୍ଷା ଶ୍ରେଷ୍ଠ ନୁହନ୍ତି – ଅଥବା ବିଷ୍ଣୁ ହିଁ ସବୁ କିଛି , ଶିବ କିଛି ନୁହନ୍ତି ଏପରି ମଧ୍ୟ ନୁହେଁ। ଏକ ମାତ୍ର ସତାକୁ କେହି ଶିବ, କେହି ବିଷ୍ଣୁ, ବା କେହି ଅନ୍ୟ କେଉଁ ନାମରେ ଡାକିଥାନ୍ତି। ନାମ ଅଲଗା ଅଲଗା ହୋଇ ପାରେ, ମାତ୍ର ସେ ହେଉଛନ୍ତି ଏକ। ଏହି ପରି କିଛି କଥାରୁ ଭାରତର ଇତିହାସ ସମ୍ପର୍କରେ ଜଣାଯାଇପାରେ। ସମଗ୍ର ଭାରତର ଇତିହାସ ଜବରଦସ୍ତ ଶକ୍ତି ସହିତ ଓଜସ୍ୱୀ ଭାଷାରେ ସେହି ମୂଳ ସିଦ୍ଧାନ୍ତର ପୁନଃ ଉକ୍ତି ମାତ୍ର ଅଟେ। ସ୍ୱାମୀ ବିବେକାନନ୍ଦ କହନ୍ତି ଯେ ଏହି ସିଦ୍ଧାନ୍ତ ଦେଶର ଏତେ ଥର ଦୋହରା ଯାଇଛି ଯେ ଏହା ଆମ ଜାତିର ରକ୍ତରେ ମିଶି ଏକ ହୋଇ ଯାଇଛି ଓ ଆମ ଧମନୀରେ ପ୍ରବାହିତ ରକ୍ତ କଣିକାରେ ମିଶି ଏକାକାର ହୋଇ ସାରିଛି। ଏହି କାରଣରୁ ଭାରତରେ ଆମେ ସମସ୍ତ ଧର୍ମ ଓ ସମ୍ପ୍ରଦାୟକୁ ସାଦର ସ୍ଥାନ ଦେଇଥାଉ। ସ୍ୱାମୀ ବିବେକାନନ୍ଦ କହନ୍ତି ଯେ କେବଳ ଭାରତରେ ହିଁ ଆମେ ଭାରତବାସୀ ମୁସଲମାନ ମାନଙ୍କ ପାଇଁ ମସଜିଦ ଏବଂ ଖ୍ରିଷ୍ଟିଆନ ମାନଙ୍କ ପାଇଁ ଗିର୍ଜାଘର ତିଆରି କରି ଦେଇଥାଉ। ଏପରି ଆଉ କେଉଁଠି ଦେଖିବାକୁ ମିଳିବ ନାହିଁ। ଯଦି ତୁମେ କୌଣସି ଅନ୍ୟ ଦେଶରେ ଯାଇ ମୁସଲମାନ ମାନଙ୍କୁ କିମ୍ବା ଅନ୍ୟ କାହାକୁ ନିଜ ପାଇଁ ମନ୍ଦିର ନିର୍ମାଣ ପାଇଁ ଅନୁରୋଧ କରିବ ତେବେ ତୁମେ ଦେଖିବ ତୁମକି କି ପ୍ରକାର ସହାୟତା ମିଳୁଛି। ସହାୟତାର ପ୍ରଶ୍ନ ତ ଦୂରର କଥା, ସେମାନେ ତୁମର ମନ୍ଦିରକୁ ଆଉ ଯଦି ସମ୍ଭବ ହୁଏ ତେବେ ତୁମକୁ ମଧ ନଷ୍ଟ କରିବାକୁ ଚେଷ୍ଟା କରିବେ। ସ୍ୱାମୀ ବିବେକାନନ୍ଦ ଆଗକୁ କହନ୍ତି ଯେ ସମଗ୍ର ବିଶ୍ୱକୁ ଭାରତର ଏହି ମହାନ ଶିକ୍ଷାକୁ ଗ୍ରହଣ କରିବାର ଆବଶ୍ୟକତା ରହିଛି। ସମଗ୍ର ବିଶ୍ୱକୁ ଭାରତବର୍ଷ ଠାରୁ ଅନ୍ୟ ଧର୍ମ ପ୍ରତି କେବଳ ସହିଷ୍ଣୁତାର ନୁହେଁ ବରଂ ଅନ୍ୟ ଧର୍ମ ପ୍ରତି ସହାନୁଭୂତି ରଖିବାର ମଧ ଶିକ୍ଷା ଗ୍ରହଣ କରିବା ଉଚିତ। ଏହାକୁ ମହିମ୍ନ ସ୍ତୋତରେ ଠିକ ଭାବେ ବର୍ଣନା କରାଯାଇଛି। ଏଥିରେ କୁହାଯାଇଛି ଯେ ହେ ଶିବ, ଯେଉଁ ପ୍ରକାରରେ ବିଭିନ୍ନ ନଦୀର ବିଭିନ୍ନ ପର୍ବତରୁ ବାହାରି ସରଳ ତଥା ବକ୍ର ଗତିରେ ପ୍ରବାହିତ ହୋଇ ଶେଷରେ ସମୁଦ୍ରରେ ହିଁ ମିଶିଥାନ୍ତି, ସେହି ପ୍ରକାର ନିଜର ବିଭିନ୍ନ ପ୍ରବୃତି କାରଣରୁ ଯେଉଁ ବିଭିନ୍ନ ମାର୍ଗ ଲୋକ ମାନେ ଗ୍ରହଣ କରିଥାନ୍ତି, ସରଳ ବା ବକ୍ର ମାର୍ଗରେ ଅଲଗା ଅଲଗା ଭଳି ଜଣା ପଡିଲେ ସୁଦ୍ଧା ଶେଷରେ ସମସ୍ତେ ତୁମ ନିକଟକୁ ପହଂଚିଥାନ୍ତି। ସେ କହନ୍ତି ଯେ ଯଦିଓ ଲୋକମାନେ ଭିନ୍ନ ଭିନ୍ନ ମାର୍ଗରେ ଚାଲିଥାନ୍ତି, ତଥାପି ସମସ୍ତେ ଗୋଟିଏ ସ୍ଥାନ ଆଡକୁ ଯାଉଥାନ୍ତି। କିଏ ଟିକେ ବୁଲି କିଏ ଅଙ୍କା- ବଙ୍କା ରାସ୍ତାରେ ଗତି କରିଥାଏ ତେବେ ଶେଷରେ ସମସ୍ତେ ପ୍ରଭୁଙ୍କ ନିକଟରେ ହିଁ ପହଂଚିଥାନ୍ତି। ସ୍ୱାମୀ ବିବେକାନନ୍ଦଙ୍କ ବିଚାର ଆଜିର ଏହି ଅଶାନ୍ତ ବିଶ୍ୱ ପାଇଁ ସର୍ବାଧିକ ପ୍ରାସଙ୍ଗିକ। ଆଜି ଯେତେବେଳେ ବିଶ୍ୱରେ ସେମେଟିକ ରିଲିଜନ ମାନେ ସେମାନଙ୍କ ମତକୁ ଶ୍ରେଷ୍ଠ ଭାବେ ପ୍ରତିପାଦିତ କରିବା ସହ ହିଂସା ଆଦିର ସାହାରା ନେଉଛନ୍ତି ସେତେବେଳେ ସ୍ୱାମୀ ବିବେକାନନ୍ଦଙ୍କ ବିଚାର ଅତ୍ୟଧିକ ପ୍ରାସଙ୍ଗିକ। ଏହି ବିଚାର ସ୍ୱାମୀ ବିବେକାନନ୍ଦଙ୍କ ବିଚାର ନୁହେଁ ଏହା ହେଉଛି ଭାରତର ସନାତନ ବିଚାର। ଭାରତର ସନାତନ ବିଚାର ନିକଟରେ ହିଁ ହିଁ ଅଶାନ୍ତ ବିଶ୍ୱକୁ ଶାନ୍ତ କରିବାର ମାର୍ଗ ରହିଛି। **(ସୌଜନ୍ୟ: ସମନ୍ୱୟ ନନ୍ଦ)**

# ଗ୍ରାମ୍ୟ ଅସ୍ଥିରତା ଓ ବେକାରୀ ପ୍ରକୃତ ସମସ୍ୟା



ଭୁବନେଶ୍ୱର (ପିଏନ୍): ଗତବର୍ଷ ଦେଶରେ ସ୍ୱାଭାବିକ ବର୍ଷା ହୋଇ ଅଧିକ ଖାଦ୍ୟ ଶସ୍ୟ ଉତ୍ପାଦିତ ହେବା ସାଙ୍ଗକୁ ଏ ବର୍ଷ ଅନୁକୂଳ ମୌସୁମୀର ପୂର୍ବାନୁମାନ ଯୋଗୁଁ କୃଷି ଉତ୍ପାଦନ ଗଲା ବର୍ଷ ଅପେକ୍ଷା ଅଧିକ ହେବା ଆଶା କରାଯାଉଛି। ତା ସତ୍ତ୍ୱେ ଦେଶର ଅନେକ ଅଞ୍ଚଳରେ ଚାଷୀ ଅସନ୍ତୋଷ ସୃଷ୍ଟି ହୋଇଛି। ଏଥିସହ ଗ୍ରାମାଞ୍ଚଳରେ ଅସ୍ଥିରତା ଶାସକ ବର୍ଗଙ୍କୁ ତଥା ରାଜନେତାମାନଙ୍କୁ ଚିନ୍ତିତ କରିବା କଥା। ନରେନ୍ଦ୍ର ମୋଦି ସରକାର ପାଂଚ ବର୍ଷ ପୂରଣ କରିବା ପରେ ଯୁବ ଶ୍ରେଣୀ ପାଇଁ ନିଯୁକ୍ତି ସୃଷ୍ଟିର ପ୍ରତିଶ୍ରୁତି ପାଳନ କରିପାରି ନଥିବା ଏନଡ଼ିଏ ଶାସନର ସବୁଠାରୁ ବଡ଼ ବିଫଳତା। ତା ସାଙ୍ଗକୁ ଗ୍ରାମାଞ୍ଚଳ ଲୋକ ଓ ଚାଷୀଙ୍କର ଅସନ୍ତୋଷରୁ ଜଣାପଡୁଛି ଯେ ଦେଶର ତଥାକଥିତ ସନ୍ତୋଷଜନକ ଅଭିବୃଦ୍ଧି ହାର ଦାବି ସଂଖ୍ୟାଧିକ ଲୋକଙ୍କୁ ସନ୍ତୁଷ୍ଟ କରିପାରିନାହିଁ। ଏହାକୁ ଦେଖି କେନ୍ଦ୍ରର ଏନଡ଼ିଏ ସରକାର ଏପରି ଯୋଜନା କରିବା ଦରକାର ଯେଉଁଥିରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବେକାରୀ ଦୂର କରିହେବ। ଦେଶରେ ପ୍ରତିବର୍ଷ ୧କୋଟି ୨୦ ଲକ୍ଷ ଯୁବକ ଯୁବତୀ ଚାକିରୀ ବଜାରକୁ ଆସୁଛନ୍ତି ଯେଉଁମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି ଦରକାର। ଏବେ ଭାରତୀୟ ଶିଳ୍ପ ମହାସଂଘ ଏକ ରିପୋର୍ଟରେ ଦର୍ଶାଇଛି ଯେ ପ୍ରତିବର୍ଷ ଗ୍ରାମାଞ୍ଚଳରୁ ଚାଷ ଛାଡୁଥିବା ଲୋକଙ୍କ ପାଇଁ ଆଉ ୫ରୁ ୮ ନିୟୁତ ନୂଆ ଚାକିରୀ ଦରକାର। ପ୍ରକୃତରେ ଦେଶର ଜନସଂଖ୍ୟା ଅଧିକ ହୋଇଥିବାରୁ ଓ ପାରମ୍ପରିକ ଭାବେ ସର୍ବାଧିକ ଲୋକେ କୃଷି ଉପରେ ନିର୍ଭର କରି ଆସୁଥିବାରୁ ସେମାନେ ଚଳିବା ପାଇଁ ଯେତିକି ରୋଜଗାର କରିବା ଦରକାର ତାହା କୃଷି ଉଦ୍ୟୋଗ ଯୋଗାଇ ପାରୁନାହିଁ। ଲୋକସଂଖ୍ୟା ଅଧିକ ହୋଇଥିବାରୁ ପ୍ରତି ଚାଷୀ ପରିବାର ପାଖରେ କମ୍ ଜମି ରହୁଛି। କମ୍ ଲୋକେ ଅଧିକ ଜମିରେ ଚାଷ କରୁଥିଲେ ସେମାନଙ୍କ ଆୟ ଅଧିକ ହୁଅନ୍ତା। ସ୍ୱାଭାବିକ ଭାବେ ଗତ କିଛି ବର୍ଷ ମଧ୍ୟରେ ଗ୍ରାମାଞ୍ଚଳର ଚାଷୀ ପରିବାରର ଅନେକେ ସହରରେ ଚାକିରୀ ହେଉ ବା ଅନ୍ୟ ଅଣକୃଷି ଧନ୍ଦା ହେଉ ସେଥିରେ ସମ୍ପୂର୍ଣ୍ଣ ଭାବେ ନିୟୋଜିତ ହୋଇଛନ୍ତି। ଏଣୁ ସିଆଇଆଇ ଯେଉଁ ଯୁକ୍ତି କରିଛି ଯେ ଏହି ପ୍ରକ୍ରିୟାରେ ଚାଷ ଛାଡୁଥିବା ଲୋକଙ୍କ ପାଇଁ ମାନୁଫାକଚରିଂ ବା ଉତ୍ପାଦନ ଏବଂ ସେବା ଉଦ୍ୟୋଗରେ ନୂଆ ଚାକିରୀ ସୃଷ୍ଟି କରାଯିବା ଦରକାର ତାହା ଯଥାର୍ଥ। ଏହାକୁ ଦେଖିଲେ ଦେଶରେ ପ୍ରତିବର୍ଷ ନୂଆ ୨କୋଟି ଚାକିରୀ ସୃଷ୍ଟି କରିବାକୁ ପଡ଼ିବ। ପ୍ରକୃତରେ ୨୦୧୪ ନିର୍ବାଚନ ପୂର୍ବରୁ ବିଜେପିର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ନରେନ୍ଦ୍ର ମୋଦିଙ୍କୁ ଦେଶବ୍ୟାପୀ ଯେଉଁ ସମର୍ଥନ ମିଳିଥିଲା ସେଥିରେ ଚାକିରି ଅପେକ୍ଷାରେ ଥିବା ଯୁବଶ୍ରେଣୀ ଅଧିକ ସଂଖ୍ୟାରେ ସାମିଲ ଥିଲେ। କାରଣ ମୋଦି ସେମାନଙ୍କ ପାଇଁ ବିପୁଳ ନିଯୁକ୍ତିର ପ୍ରତିଶ୍ରୁତି ଦେଇଥିଲେ। ମୋଦିକଙ୍କ ଶାସନର ପାଂଚବର୍ଷ ପୂରିବା ପରେ ଦେଖାଯାଉଛି ସେହି ପ୍ରତିଶ୍ରୁତି କାର୍ଯ୍ୟକାରି ହୋଇପାରିନାହିଁ। ପ୍ରକାଶ ପାଇଛି ଯେ ଆନୁଷ୍ଠାନିକ ଅର୍ଥନୀତିରେ ସେବା ଓ ଶିଳ୍ପ ଉଦ୍ୟୋଗ ମିଶି ଗତବର୍ଷ ମାତ୍ର ଦେଢ଼ ଲକ୍ଷ ନୂଆ ଚାକିରୀ ସୃଷ୍ଟି କରିଛନ୍ତି ଯେଉଁଥିରେ ଭାରି ଶିଳ୍ପ ଓ ସଫ୍ଟୱେୟାର ଅନ୍ତର୍ଭୁକ୍ତ। ବିଶ୍ୱର ଅନ୍ୟାନ୍ୟ ଦେଶ ଯେଉଁ ସମୟରେ ଶ୍ରମ ଶକ୍ତିର ବିନିଯୋଗ କରି ମାନୁଫାକଚରିଂ ବା ଉତ୍ପାଦନ କ୍ଷେତ୍ରରୁ ଫାଇଦା ଉଠାଇଥିଲେ ସେ ସମୟରେ ଭାରତ ପଛରେ ରହିଗଲା। ୭୦ରୁ ୯୦ ଦଶକ ମଧ୍ୟରେ ଏପରିକି ଗତ କିଛି ବର୍ଷ ତଳେ ଅନ୍ୟାନ୍ୟ ଦେଶ ସହ ସବୁଠାରୁ ଜନବହୁଳ ଚୀନ ଏଥିରୁ ଲାଭ ପାଇଥିଲା। ଭାରତ ଶ୍ରମ ଆଇନ ଓ ଶିଳ୍ପ ଲାଗି ଜମି ଅଧିଗ୍ରହଣ ଆଦି କ୍ଷେତ୍ରରେ କୋହଳ ନୀତି ଗ୍ରହଣ ନକରିବାରୁ ଉତ୍ପାଦନ କ୍ଷେତ୍ରରେ ଦେଶର ବିପୁଳ ଶ୍ରମଶକ୍ତି ସତ୍ତ୍ୱେ ଅଗ୍ରଗତି ହାସଲ କରିପାରିଲା ନାହିଁ। ହିସାବ କରାଯାଇଛି ଯେ ଉନ୍ନତ ଦେଶଗୁଡ଼ିକରେ ଯେତିକି ଲୋକ ଚାକିରୀ କରୁଛନ୍ତି ତାର ଏକ ଚତୁର୍ଥାଂଶ ମାନୁଫାକଚରିଂ ବା ଉତ୍ପାଦନରେ ନିୟୋଜିତ ଥିଲେ। ପରବର୍ତ୍ତୀ ସମୟରେ ସେ ସବୁ ଦେଶରେ ସେବା ଉଦ୍ୟୋଗ ଅଧିକ ନିଯୁକ୍ତି ସୃଷ୍ଟି କଲା। ଭାରତରେ ମାନୁଫାକଚରିଂ ନିଯୁକ୍ତିର ଅଂଶ ସର୍ବାଧିକ ୧୫ ପ୍ରତିଶତରେ ପହଞ୍ଚିବା ପରେ ଏବେ ତାହା ହ୍ରାସ ପାଇ ୧୨ ପ୍ରତିଶତକୁ ଖସି ଆସିଛି। ଏହି ଉଦ୍ୟୋଗରେ ଅର୍ଦ୍ଧଶିକ୍ଷିତ କମ୍ କୁଶଳୀ ଲୋକଙ୍କୁ କୃଷି କ୍ଷେତ୍ରରୁ ଆଣି ନିଯୁକ୍ତି ଦେବାର ସୁଯୋଗ ବେଶି। ସାଧାରଣତଃ କୃଷିରୁ ମାନୁଫାକଚ୍ରିଂକୁ ଆସୁଥିବା ଲୋକଙ୍କ ପରବର୍ତ୍ତୀ ବଂଶଧର ପାଠପଢ଼ି ବା ତାଲିମ ନେଇ ଅଧିକ ଆୟକାରୀ ସେବା ଉଦ୍ୟୋଗରେ ନିଯୁକ୍ତି ପାଆନ୍ତି। ଏଯାଏଁ ଦେଶରେ ବିଭିନ୍ନ ସରକାର ବେକାରୀ ଦୂରୀକରଣ ପାଇଁ ସଫଳ ନୀତି କାର୍ଯ୍ୟକରି କରିପାରିନାହାନ୍ତି। ମୋଦି ସରକାର ପ୍ରତି ମଧ ସେହି ଯୁକ୍ତି ପ୍ରଯୁଜ୍ୟ। ଏବେ ଚାଷୀ ଅସନ୍ତୋଷ ସହ ଗ୍ରାମାଞ୍ଚଳ ଅସ୍ଥିରତା ଏବଂ ଶିକ୍ଷିତ ବେକାରଙ୍କ ପାଇଁ ନିଯୁକ୍ତି ସୃଷ୍ଟିରେ ବିଫଳତା ସରକାରଙ୍କ ପାଇଁ ସତର୍କବାଣୀ। ଏହାର କିପରି ସମାଧାନ କରାଯିବ ତାହା ପ୍ରଧାନମନ୍ତ୍ରୀ ଓ ତାଙ୍କର ସହଯୋଗୀମାନେ ନିର୍ଣ୍ଣୟ କରନ୍ତୁ। ଏଥିପାଇଁ ଯେଉଁ ଧରଣର ସଂସ୍କାର ଆବଶ୍ୟକ ତାହା ତୁରନ୍ତ କରାନଗଲେ ଦେଶର ସାମଗ୍ରିକ ସାମାଜିକ ପରିସ୍ଥିତି ଖରାପ ହେବ। ଅଭିବୃଦ୍ଧି ହାର ସନ୍ତୋଷଜନକ ପରିସଂଖ୍ୟାନ ସେ ସମସ୍ୟାକୁ ଘୋଡ଼ାଇ ପାରିବନାହିଁ।

**(ସୌଜନ୍ୟ: ଡଃ. ଅରୁନ୍ଧତୀ ଦେବୀ,** ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ: ୯୪୩୭୧୨୪୫୭୨)


## DISPLAY CLASSIFIED

**FOR ADVERTISEMENT CONTACT**
(0674) 2550751/2555116
Fax: (0674) 2550504
E-mail : paryabekhyak@sify.com
paryabekhyak@gmail.com

**TARIFF:** 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**ADMISSION ON**
**MPS PLAY HOME**
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

**DKB'S CONCEPTUAL CHEMISTRY**
Behind SC/ST Hostel College Campus, Bhadrak, Cell : 9337612220
*A complete Chemistry point for funding fundamentals.*
Contact for Coaching in +2 Science, CBSE, OJEE (E&M), AIPMT & AIEEE

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Gyandeep
THE CRECHE

Phagun Communication


## ୨୧ରେ ସଂଭାବନାର 'ଅକ୍ଷୟ ମହାନ୍ତି: ଅପାସୋରା ଗୀତି'

ଭୁବନେଶ୍ୱର (ପିଏନ୍)–ଓଡ଼ିଆ ଭାଷା, ସାହିତ୍ୟ ଓ ସଂଗୀତକୁ ନିଜସ୍ୱ ଶୈଳୀ ଓ ଅବଦାନରେ ସମୃଦ୍ଧ କରିଥିବା ମହାନ ବ୍ୟକ୍ତିତ୍ୱ ଅକ୍ଷୟ ମହାନ୍ତିଙ୍କ ଜୟନ୍ତୀ ମାସରେ ତାଙ୍କର କିଛି ଅଭୁଲା ସଂଗୀତକୁ ନେଇ ତୃତୀୟ ବର୍ଷ ପାଇଁ ସଂଭାବନା ଆୟୋଜନ କରୁଛି, 'ଅକ୍ଷୟ ମହାନ୍ତି: ଅପାସୋରା ଗୀତି'। ଅକ୍ଷୟ ମହାନ୍ତିଙ୍କ ଦ୍ୱାରା ପରିବେଷିତ, ଲିଖିତ ଓ ନିର୍ଦ୍ଦେଶିତ ସଂଗୀତ ମଧ୍ୟରୁ ବିଭିନ୍ନ ଦୃଷ୍ଟିକୋଣରୁ ମହତ୍ତ୍ୱପୂର୍ଣ୍ଣ ସଂଗୀତଗୁଡ଼ିକୁ ଏହି ଅବସରରେ ପୁନଃ ଗାୟନ କରାଯିବ। ଅକ୍ଟୋବର ୨୧ ତାରିଖ ସୋମବାର ସଂଧ୍ୟା ୬ ଘଟିକାରେ ଜୟଦେବ ଭବନଠାରେ ଆୟୋଜିତ ହେଉଥିବା ଅକ୍ଷୟ ସଂଗୀତର ଏହି ସ୍ୱତନ୍ତ୍ର ସଂଧ୍ୟାରେ ସଂଗୀତ ପରଷିବେ ପ୍ରଖ୍ୟାତ ସଂଗୀତ ଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ, ଗୌତମ ଗିରି, ଛନ୍ଦା ମିଶ୍ର, ଲିପ୍ସା ମିଶ୍ର, ଆଶିଷ ଦତ୍ତ, ଅର୍ଣ୍ଣବ ପଣ୍ଡା, ଇପ୍ସିତା ମହାନ୍ତି, ରତିକା ରିମ୍ଝିମ୍, ବିପୁଳ, ପୂର୍ଣ୍ୟତା ଦାଶ ଓ ଅନ୍ୟମାନେ। ଅକ୍ଷୟ ମହାନ୍ତିଙ୍କ ସଦାସ୍ମରଣୀୟ ସ୍ମୃତି ପ୍ରତି ଶ୍ରଦ୍ଧା ଜଣାଇ ଆୟୋଜିତ ହେଉଥିବା ସଂଗୀତର ଏହି ବିଶେଷ ସଂଧ୍ୟାରେ ଉପସ୍ଥିତ ହୋଇ ଏହି ମହାନ୍ ଶିଳ୍ପୀ ଓ ସ୍ରଷ୍ଟାଙ୍କ ପ୍ରତି ଶ୍ରଦ୍ଧା ପ୍ରଦର୍ଶନ ପୂର୍ବକ ଶିଳ୍ପୀମାନଙ୍କୁ ଓ ଆୟୋଜନକୁ ଉତ୍ସାହିତ କରିବା ପାଇଁ ସଂଭାବନାର ଅଧକ୍ଷ ଶରତ ଚନ୍ଦ୍ର ଭଦ୍ର ଓ ସଂପାଦକ ଦେବପ୍ରସାଦ ପରିଡ଼ା ଅକ୍ଷୟପ୍ରେମୀ ଓ ସଂଗୀତ ପ୍ରେମୀମାନଙ୍କୁ ଅନୁରୋଧ କରିଛନ୍ତି।

## ଭିଏଲ୍‌ଡବ୍ଲୁ ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ପ୍ରସଙ୍ଗରେ ଅନୁଧ୍ୟାନକାରୀ କମିଟି ଗଠନ କଲା ପିସିସି

ଭୁବନେଶ୍ୱର (ପିଏନ୍)– ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ହରିଦାସପୁର ପଂଚାୟତର ଭିଏଲ୍‌ଡବ୍ଲୁ ୪ ସ୍ମିତାରାଣୀ ବିଶ୍ୱାଳଙ୍କ ରହସ୍ୟମୟ ସନ୍ଦେହଜନକ ମୃତ୍ୟୁ ପ୍ରସଙ୍ଗକୁ ନେଇ ପ୍ରଦେଶ କଂଗ୍ରେସ କମିଟିର ମାନନୀୟ ସଭାପତି ଶ୍ରୀଯୁକ୍ତ ନିରଂଜନ ପଟ୍ଟନାୟକ ୧୧ ଜଣିଆ 'ତଥ୍ୟ ଅନୁଧ୍ୟାନକାରୀ କମିଟି' ଗଠନ କରିଛନ୍ତି। ଉକ୍ତ ୧୧ ଜଣିଆ କମିଟିରେ ବରିଷ୍ଠ କଂଗ୍ରେସ ନେତା ତଥା ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ୍ ଅଧକ୍ଷ ରହିଛନ୍ତି। ସେହିପରି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପ୍ରଶାସକ ବଟକୃଷ୍ଣ ତ୍ରିପାଠୀ, ରାଜ୍ୟ ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ବନ୍ଦିତା ପରିଡ଼ା, କଂଗ୍ରେସ ନେତ୍ରୀ ତଥା ଧର୍ମଶାଳା ବିଧାୟିକା ପ୍ରାର୍ଥିନୀ ଶ୍ରୀମତୀ ସ୍ମୃତିରେଖା ପହି, ଯାଜପୁର ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ରିତାଶ୍ରୀ ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ସୁଦର୍ଶନ ଦାସ, ସତ୍ୟପ୍ରକାଶ ନାୟକ, ମନୋଜ ରାଉତ, ଶ୍ରୀମତୀ ରଂଜିତା ରାଉତ, ଆଇନଜୀବୀ ନିଶିକାନ୍ତ ମିଶ୍ର ଓ ବଳଭଦ୍ର ଦାସ ପ୍ରମୁଖ ସଦସ୍ୟ ରହିଛନ୍ତି। କମିଟି ଘଟଣାସ୍ଥଳ ଗସ୍ତ କରି ସବିଶେଷ ତଥ୍ୟ ସଂଗ୍ରହ କରି ପିସିସି ସଭାପତି ଶ୍ରୀଯୁକ୍ତ ପଟ୍ଟନାୟକଙ୍କୁ ଖୁବ୍‌ଶୀଘ୍ର ତଥ୍ୟ ପ୍ରଦାନ କରିବାକୁ ପିସିସି ସଭାପତିଙ୍କ ବ୍ୟକ୍ତିଗତ ସଚିବ ଶ୍ରୀ ପଦ୍ମାକର ଗୁରୁ ଅନୁରୋଧ କରିଛନ୍ତି।

# ବର୍ତ୍ତମାନ ସମୟରେ ହୃଦ୍‌ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି



କଥାରେ ଅଛି ହୃଦୟ ଥିଲେ ସବୁ ଆଉ ଏହା ବିନା ସବୁ ହିଁ ଅସାର। ସତ କହିବାକୁଗଲେ ଥରେ ଏ ହୃଦୟ ବିଗିଡିଗଲେ ବା କ୍ଳାନ୍ତ ହୋଇପଡ଼ିଲେ, ଛଟପଟ ହୋଇଗଲେ ଜୀବନ ନିହାତି ଯନ୍ତ୍ରଣାଦାୟକ ଓ ମର୍ମନ୍ତୁଦ ହୋଇପଡ଼େ। ସମସ୍ତେ ନିଜ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଏହି ହୃଦୟ ବିଷୟରେ ଜାଣିବା ସହ ଏହାକୁ ଭଲ ଭାବେ ବୁଝି ବର୍ତ୍ତମାନର ସମୟରେ ଏହାର ସୁସ୍ଥତା ପାଇଁ ସଚେତନତାର ବାର୍ତ୍ତା ଦେବା ପାଇଁ ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ମାସ ୨୯ ତାରିଖରେ ପାଳିତ ହୋଇଥାଏ ବିଶ୍ୱ ହୃଦୟ ଦିବସ। ଜଣଙ୍କର ହୃଦୟ ବିଗିଡ଼ିଯାଉ ବା କୌଣସି ଆଘାତ ପ୍ରାପ୍ତ ହେଉ ଏହାର ବିଭିନ୍ନ ପରୀକ୍ଷା ସବୁ ରହିଛି। ପ୍ରଥମଟି ହେଉଛି ଇସିଜି ବା ଇକେଜି ଯାହାର ଟେକ୍ନିକାଲ ଅର୍ଥ ହେଉଛି ଇଲେକ୍ଟ୍ରୋ କାର୍ଡ଼ିଓଗ୍ରାମ୍। ଯାହାକୁ ୧୯୦୩ରେ ଡଚ୍ ଡାକ୍ତର ୱିଲିଏମ୍ ଇନ୍‌ଥୋଭେନ୍ ସର୍ବପ୍ରଥମେ ଆବିଷ୍କାର କରିଥିଲେ। ଯାହାପାଇଁ ସବୁଠାରୁ ସମ୍ମାନଜନକ ନୋବେଲ ପୁରସ୍କାର ୧୯୨୪ରେ ସେ ପାଇଥିଲେ। ଏହି ପରୀକ୍ଷାଟି ହେଉଛି କମ୍ ଖର୍ଚ୍ଚରେ ଏବଂ କୌଣସି ଯନ୍ତ୍ରଣା ବିନା ସମ୍ଭବ ହୋଇଥାଏ। ଯନ୍ତ୍ରଣା ପାଉଥିବା ହୃଦ୍‌ରୋଗୀର ହାତ, ପାଦ ଓ ଛାତିରେ ଇଲେକ୍ଟ୍ରୋଡ୍ ପ୍ୟାଚ୍ ଲଗାଇ ରୋଗୀଟିର ହୃଦୟର ଇଲେକ୍ଟ୍ରିକ୍ ଆକ୍ଟିଭିଟି ମପାଯାଇଥାଏ। ଏହାଦ୍ୱାରା ଜଣଙ୍କର ହୃତ୍‌ପିଣ୍ଡର ସ୍ୱାଭାବିକ ପ୍ରକ୍ରିୟ ସ୍ପନ୍ଦନ ଓ ବ୍ଲକେଜ୍ ସମ୍ପର୍କରେ ଜଣାପଡ଼େ। ସେହିପରି ଆଉ ଗୋଟିଏ ପରୀକ୍ଷା ହେଉଛି ଚେଷ୍ଟ୍ ଏକ୍ସ-ରେ। ଏଥିରେ ରୋଗୀ ଜଣଙ୍କର ଛାତି ହାଡ଼ର ଫଟୋ ଓ ହୃତ୍‌ପିଣ୍ଡ ସହ ଫୁସ୍‌ଫୁସ୍‌ର ପରୀକ୍ଷା ହୋଇଥାଏ। ସେହିପରି ଆଉ ଏକ ପରୀକ୍ଷାଟି ରହିଛି ଯାହା ହେଉଛି ଷ୍ଟ୍ରେସ୍ ଟେଷ୍ଟ। ଏହି ପରୀକ୍ଷାରୁ ଆପଣଙ୍କ ହୃଦୟ କେତେ ଚାପ ସମ୍ଭାଳି ପାରିବ ତାହାର ପରୀକ୍ଷା କରାଯାଏ। ସେହିପରି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ହେଉଛି ଇକୋ କାର୍ଡିଓଗ୍ରାମ। ଯେଉଁଥିରେ ହୃତ୍‌ପିଣ୍ଡର ମାଂସପେଶୀ, ହୃଦ୍‌ରୋଗର ସମ୍ଭାବ୍ୟ ବିପଦ ଆଉ ଭଲବ ସ୍ଥିତି ଏହିଥିରୁ ଜଣାପଡ଼େ। କାର୍ଡ଼ିଆକ୍ କେଥେଟରାଇଜେସନ୍ ପରୀକ୍ଷା ଦ୍ୱାରା ହୃଦୟର ସାମ୍ପ୍ରତିକ ସ୍ଥିତି ଓ ଏହାର କାର୍ଯ୍ୟକାରିତା ଜଣାପଡ଼େ। ଏହାକୁ ମଧ କୋରୋନାରୀ ଏନ୍‌ଜିଓଗ୍ରାମ ମଧ କୁହାଯାଏ। ତେବେ ଏଥିରେ ସମ୍ଭାବ୍ୟ ବିପଦଟି ହେଉଛି ରକ୍ତସ୍ରାବ ହୋଇପାରେ ବା କ୍ୟାଥେଟର ଲଗାଯାଉଥିବା ବେଳେ ନଳୀର ଧମନୀ ନଷ୍ଟ ହେବାର ସମ୍ଭାବନା। ସେହିପରି ଆଉ ଏକ ପରୀକ୍ଷା ହେଉଛି ଇଲେକ୍ଟ୍ରୋ ଭିଜିଓଲୋଜି ଟେଷ୍ଟ। ଯାହାଦ୍ୱାରା ହୃଦୟର ଇଲେକ୍ଟ୍ରିକାଲ୍ ପାଥୱେ ପରୀକ୍ଷା ଦ୍ୱାରା ହୃଦସ୍ପନ୍ଦନର ଅନିୟମିତତାର କାରଣ ଧରାପଡ଼େ। ସେହିପରି ଆଉ ଏକ ହାର୍ଟ ଇମେଜିଂ ପରୀକ୍ଷାର ନାମ ହେଉଛି ସିଟି ହାର୍ଟ ସ୍କାନ। ଯେଉଁଥିରେ ଇନ୍‌ଟ୍ରାଭେନସ୍ ଡାଇର ବ୍ୟବହାର ଦ୍ୱାରା କିମ୍ବା ରକ୍ତ ସଞ୍ଚାଳନ ଓ ହୃଦୟର ସଂରଚନାର ସର୍ବଶେଷ ସ୍ଥିତି ପରୀକ୍ଷାରୁ ଜଣାପଡ଼େ। ଆଉ ଏକ ପରୀକ୍ଷା ହେଉଛି ହାର୍ଟ ଏମ୍‌ଆର୍‌ଆଇ। ଏହି ପରୀକ୍ଷାରେ ହୃଦ୍‌ରୋଗୀଙ୍କ ହୃତ୍‌ପିଣ୍ଡ, ଛାତି, ହୃତ୍‌ପିଣ୍ଡର ଭିତର ଅଂଶର କାର୍ଯ୍ୟକାରିତା, ଫୁସ୍‌ଫୁସ୍‌ର ଆକଳନ କରାଯାଏ। ଏହି ପରୀକ୍ଷାରୁ ରୋଗୀ ଜଣକ ଜନ୍ମଗତ ହୃଦ୍‌ରୋଗର ହୋଇଥିଲେ ସହଜରେ ଜଣାପଡ଼ିଯାଏ। ତେବେ ଅନେକଙ୍କ ଭୁଲ ଧାରଣା ଥାଏ ତାହା ହେଉଛି ଏହି ଏମ୍‌ଆର୍‌ଆଇ ପରୀକ୍ଷାରେ ବ୍ୟବହାର ହେଉଥିବା ତେଜସ୍କ୍ରିୟ ତରଙ୍ଗ ଓ ଚୁମ୍ବକୀୟ କ୍ଷେତ୍ରର କୌଣସି ପରିପାର୍ଶ୍ୱିକ ପ୍ରଭାବ ରହିନଥାଏ। ଆଉ ଏକ ବଡ଼ ପରୀକ୍ଷା ହେଉଛି ପେସ୍‌ମେକର୍ ଓ ଆଞ୍ଜିଓପ୍ଲାଷ୍ଟି। ଜଣେ ଜଣେ ହୃଦ୍‌ରୋଗୀଙ୍କ ସେମାନଙ୍କ ହୃଦୟର ସ୍ପନ୍ଦନର ଅନିୟମିତତା ବା ବିଲକ୍ଷଣ ଦେଖାଦେଇଥାଏ। ଏହି ପରୀକ୍ଷାଟି ହେଉଛି କୃତ୍ରିମ ଭାବରେ ପ୍ରସ୍ତୁତ ଏକ ସ୍ୱାସ୍ଥ୍ୟପ୍ରଦ ବିଦ୍ୟୁତ୍ ସ୍ରୋତ ପ୍ରଦାନକାରୀ ଯନ୍ତ୍ରକୁ ଛାତିରେ ଲଗାଯାଇଥାଏ। ଯାହାକି ରୋଗୀଟିର ହୃଦ୍‌ସ୍ପନ୍ଦନ କ୍ରିୟାରେ ସାହାଯ୍ୟ ଯୋଗାଏ। ଯାହାକୁ ଚିକିତ୍ସା ଶାସ୍ତ୍ରର ଭାଷାରେ କାର୍ଡ଼ିଆକ୍ ପେସ୍‌ମେକର ବା ହୃତ୍‌ପିଣ୍ଡର ବିଦ୍ୟୁତ୍ ଚାଳକ କୁହାଯାଏ। ସେହିପରି ରକ୍ତବାହିନୀରେ ରହିଥିବା ବିକୃତିର ଗଠନକୁ ଆଞ୍ଜିଓପ୍ଲାଷ୍ଟି କୁହାଯାଏ। ରକ୍ତ ସଂଞ୍ଚାଳନରେ ରୋଗୀଟି ଶରୀରରେ କୌଣସି ବାଧକ ସୃଷ୍ଟି ହେଉଥିଲେ ହୃଦ୍‌ଚିକିତ୍ସାର ନିର୍ଦ୍ଦିଷ୍ଟ ଅସ୍ତ୍ରପଚାର ଦ୍ୱାରା ଠିକ୍ କରାଯାଏ। ସେଠାରେ ତ୍ରୁଟି ରହିଥିବା ଅଂଶଟିକୁ କଢ଼ାଯାଇ ଭିନ୍ନ ଏକ ସୁସ୍ଥ ଧମନୀର ସମାନ ମାପର ଅଂଶକୁ ପ୍ରତିରୋପଣ କରାଯାଏ। ସେହିପରି ଆଉ ଏକ ଅଛି ସାଧାରଣରେ ବୁଝାଯାଉଥିବା କୋଲେଷ୍ଟେରୋଲ୍। ଏଥିରେ କେବଳ ହୃଦ୍‌ରୋଗୀ ନୁହେଁ ଯେ କୌଣସି ଲୋକଙ୍କର ହୃଦୟର ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ କ୍ଷେତ୍ରରେ କୋଲେଷ୍ଟେରୋଲ୍‌ର ଭୂମିକା ରହିଥାଏ। ରକ୍ତରେ ଅଧିକ ମାତ୍ରାରେ କୋଲେଷ୍ଟେରୋଲ୍ କୋରୋନାରୀ ହାର୍ଟ ଡିଜିଜ୍ ଓ ଭୟାନକ ଷ୍ଟ୍ରୋକର ଗୁରୁତ୍ୱପୂର୍ଣ୍ଣ ଓ ବହୁତ ବଡ଼ କାରଣ। ତେଣୁ ନିୟମିତ ବ୍ୟବଧାନରେ କୋଲେଷ୍ଟେରୋଲ୍ ପରୀକ୍ଷା କରିବା ଜରୁରୀ। ସମସ୍ତେ ଜାଣନ୍ତି ସ୍ୱାସ୍ଥ୍ୟ ହିଁ ଅମୂଲ୍ୟ ସମ୍ପଦ ତେବେ ବର୍ତ୍ତମାନର ସମୟକୁ ଦେଖିଲେ ଆମ ମାନଙ୍କ ଭିତରେ ଜୀବନଶୈଳୀ, ବିଶ୍ରାମ, ଖାଦ୍ୟପାନୀୟ ଓ କର୍ମକ୍ଷେତ୍ର ବା ପାରିବାରିକ ଘଟଣାକୁ ନେଇ ବିଭିନ୍ନ ମାନସିକ ଚାପ ଅନେକ ରୋଗର କାରଣ ପାଲଟୁଛି। ବର୍ତ୍ତମାନ ସମୟରେ ହୃଦ୍‌ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ନିୟମିତ ଜୀବନଶୈଳୀରେ ଖାଦ୍ୟପେୟ, ବିଶ୍ରାମ, ବ୍ୟାୟାମ, ନିଶା ସେବନ ଠାରୁ ଦୂରେଇ ରହିବା ଓ ବିଭିନ୍ନ ଚାପକୁ ସନ୍ତୁଳିତ ରଖିବା ଦ୍ୱାରା ହୃଦ୍‌ରୋଗ ଠାରୁ ଦୂରେଇ ପାରିବା। ସମସ୍ତେ ଜାଣନ୍ତି ହୃଦ୍‌ରୋଗର ପ୍ରମୁଖ କାରଣ ହେଉଛି ମେଦବହୁଳତା, ନିଶା ସେବନ, ଅଳସୁଆମୀ, ମଧୁମେୟ ବା ଡାଇବେଟିସ୍, ରକ୍ତଚାପ ବା ହାଇପର ଟେନସନ୍। ଏହି କ୍ଷେତ୍ରରେ ନିଜେ ନିଜର ଚିକିତ୍ସକ ସାଜି ସ୍ୱାସ୍ଥ୍ୟ କ୍ଷେତ୍ରକୁ ଭଲ ଭାବେ ବୁଝି ସମର୍ଥ ହେଲେ ଆପଣ ହୃଦ୍‌ରୋଗକୁ ବାଏ ବାଏ କରିପାରିବେ।

**ଦୀପକ କୁମାର ନାୟକ,** ଇସିଜି ଟେକ୍ନିସିଆନ୍, ହୃଦ୍‌ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୨୭୧୮୭୪

# ଓଡ଼ିଶାର ଗର୍ବ ଓ ଗୌରବ ଶୁଭଶ୍ରୀ ମହାପାତ୍ର




ଭୁବନେଶ୍ୱର (ପିଏନ୍): ଓଡ଼ିଶାର ଗର୍ବ ଗୌରବ ଶୁଭଶ୍ରୀ ମହାପାତ୍ର ଲଣ୍ଡନ ବିଜିନେସ୍ ସ୍କୁଲରେ ଯୋଗ୍ୟ ବିବେଚିତ ହୋଇ କୃତୀତ୍ୱ ହାସଲ କରିଛନ୍ତି। ତୁଳସୀ ଦୁଇ ପତ୍ରରୁ ବାସିବା ପରି ସେ ପୋଖରୀପୁଟ୍ ଡିଏଭି ସ୍କୁଲରେ ସିବିଏସ୍‌ଇ ୧୦ମ ଶ୍ରେଣୀରେ ସ୍କୁଲରେ ପ୍ରଥମ ହେବା ସହ ଓଡ଼ିଶାରେ ୬ଷ୍ଠ ସ୍ଥାନ ହାସଲ କରିଥିଲେ। ସେ ଡିଏଭିରେ ଦ୍ୱାଦଶ ଶ୍ରେଣୀ ପାସ୍ କରି ଆଇଆଇଟି କରିଥିଲେ। ପରେ ସେ ଲଣ୍ଡନ ବିଜିନେସ୍ ସ୍କୁଲରେ (ଏମ୍‌ବିଏ) ପାଠପଢ଼ି କୃତୀତ୍ୱ ହାସଲ କରିଛନ୍ତି। ଅବସରପ୍ରାପ୍ତ ପ୍ରଶାସକ ଅଲେଖ ଚନ୍ଦ୍ର ମହାପାତ୍ରଙ୍କ ନାତୁଣୀ, ଭୁବନେଶ୍ୱର ଓକିଲ ସଂଘର ପୂର୍ବତନ ସଭାପତି ଓ ଭୁବନେଶ୍ୱର ନୋଟାରୀ ସଂଘ ସଭାପତି ତୁଷାରକାନ୍ତୀ ମହାପାତ୍ର ତଥା ବାଲିଅନ୍ତା ବ୍ଲକ୍ ସେକ୍ସନ ଅଫିସର ସଚଳା ଦାଶଙ୍କ ଝିଅ ଶ୍ରୀଭଶ୍ରୀଙ୍କ ଏହି କୃତୀତ୍ୱ ପାଇଁ ଭୁବନେଶ୍ୱର ଓକିଲ ସଂଘ, ଓ ଡିଏଭି ସ୍କୁଲ ପୁରାତନ ଛାତ୍ରଛାତ୍ରୀ ତଥା ସ୍ଥାନୀୟ ଅଧିବାସୀ ଶୁଭଶ୍ରୀ ଓ ତାଙ୍କ ପରିବାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।






ପାଟନା : ଗଙ୍ଗା ନଦୀର ଗାନ୍ଧୀଘାଟରେ ଜଣେ ବ୍ୟକ୍ତି ପାଣକୁ ଡିଆଁ ମାରୁଛନ୍ତି

# ଗୋବରୀ କେନାଲ ଉପରେ ଭଗେଶ୍ୱରପୁର-ମାଧପୁର ଠାରେ ନୂତନ ସେତୁର ଶିଳାନ୍ୟାସ କଲେ ବିଧାୟକ

କେନ୍ଦ୍ରାପଡା ୧୯/୧୦(ପିଏନ) - କେନ୍ଦ୍ରାପଡା ଗୋବରୀ କେନାଲ ଉପରେ ଭଗେଶ୍ୱରପୁର-ମାଧପୁର ଠାରେ ଶନିବାର ପୂର୍ବାହ୍ନରେ ଏକ ନୂତନ ସେତୁର ଶିଳାନ୍ୟାସ କରିଛନ୍ତି କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା । ନସଡିପୁର ଓ ଭଗେଶ୍ୱରପୁର ପ୍ରଭୃତି ଗ୍ରାମ ଗୁଡିକର ମାଧପୁର ଦେଇ ସହରର ମୁଖ୍ୟ ରାସ୍ତା ଓ ମେଡିକାଲକୁ ଏହି ପୋଲ ନିର୍ମାଣ ଦ୍ୱାରା ସିଧାସଳଖ ସଂଯୋଗ ହୋଇପାରିବା ସହ ଦୂରତ୍ୱ ହ୍ରାସ ପାଇବ । ଏହାଛଡା ସାନ୍ତସାହି ପୋଲ ଉପରେ ଆଉ ଅଧିକ ଭିଡ ହେବ ନାହିଁ ବୋଲି କହିଛନ୍ତି ଜଳସମ୍ପଦ ବିଭାଗ କେନ୍ଦ୍ରାପଡା ଡିଭିଜନର ନିର୍ବାହୀ ଯନ୍ତ୍ରୀ ଇଂ ପ୍ରବୋଧ କୁମାର ରାଉତ । ୧୬ଲକ୍ଷ ଟଙ୍କାର ବ୍ୟୟବରାଦରେ ଏହି ନୂତନ ସେତୁଟି ନିର୍ମାଣ କରାଯିବ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ବିଧାୟକ ଶ୍ରୀ ବେହେରାଙ୍କ ସହିତ ଜିଲ୍ଲାପାଳ ସମର୍ଥ ବର୍ମା, କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ଜଳସେଚନ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଇଂ ଶ୍ରୀ ରାଉତ, ଉପନିର୍ବାହୀ ଯନ୍ତ୍ରୀ ବିଧାନ ଚନ୍ଦ୍ର ସାହୁ, କେନ୍ଦ୍ରାପଡା ପୌର ନିର୍ବାହୀ ଅଧରକାରୀ ଦେବ ପ୍ରସାଦ ବଳ, ପୂର୍ବତନ ପୋରାଧ୍ୟକ୍ଷ ଧିରେନ ସାହୁ, ରୋସ୍ନା ସାହୁ, ବିଜେଡି ଲିଗାଲ ଫ୍ରଂଟ ସଦସ୍ୟ ସଞ୍ଜୟ କୁମାର ଜେନା, ଧିରେନ୍ଦ୍ର କୁମାର ଦାସ, କାଳି ପ୍ରସାଦ ମିଶ୍ର, ହିରଣ୍ୟ ପଣ୍ଡା, ଦେବଦାସ ମହାନ୍ତି, ପ୍ରଦୀପ୍ତ ମହାନ୍ତି, ଶକ୍ତିକାନ୍ତ ପାତ୍ର, ରାଜେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଶିଳାନ୍ୟାସ ଫଳକରେ କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତିଙ୍କ ନାମ ଲେଖାଥିଲେ ମଧ୍ୟ ସେ ଅନୁପସ୍ଥିତ ଥିବାର ଦେଖାଯାଇଥିଲା ।



# ଆଲୋକ ସାହୁ ସାଂସଦଙ୍କ କେନ୍ଦ୍ରାପଡା ବ୍ଲକ ପ୍ରତିନିଧି ନିଯୁକ୍ତ

କେନ୍ଦ୍ରାପଡା (ପିଏନ)-କେନ୍ଦ୍ରାପଡା ଲୋକସଭା ସାଂସଦ ଅନୁଭବ ମହାନ୍ତି କେନ୍ଦ୍ରାପଡା ବ୍ଲକ ନିମନ୍ତେ ପ୍ରତିନିଧି ନିଯୁକ୍ତ କରିଛନ୍ତି । କେନ୍ଦ୍ରାପଡା ବ୍ଲକ ବିଜେଡି ସଭାପତି ଆଲୋକ ସାହୁଙ୍କୁ ସାଂସଦ ଶ୍ରୀ ମହାନ୍ତି କେନ୍ଦ୍ରାପଡା ବ୍ଲକ ନିମନ୍ତେ ସାଂସଦଙ୍କ ପ୍ରତିନିଧି ଭାବେ ନିଯୁକ୍ତି ଦେଇଥିବାରୁ ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ଶ୍ରୀକାନ୍ତ ଦାସ, ସିରାଜ ଖାଁ, ଲିୟାକତ ଅଲ୍ଲୀ ଖାନ, ମହମ୍ମଦ ନିଆଜ, ଭୂପେନ୍ଦ୍ର ପରିଡା, ବାସୁଦେବ ମଲ୍ଲିକ, ମୀନତୀ ପରିଡା, ବିଭୂ ପ୍ରସାଦ ଜେନା, ସରୋଜକାନ୍ତ ପଣ୍ଡା, ରାଜଲକ୍ଷ୍ମୀ ସ୍ୱାଇଁ, କାର୍ତ୍ତିକ ଚନ୍ଦ୍ର ନାୟକ, ଦୈତାରୀ ଜେନା, ସୁଧିର ସ୍ୱାଇଁ, ସରୋଜ ମହାନ୍ତି, ସୁଧିର ରଞ୍ଜନ ବେହେରା, ପୂର୍ଣ୍ଣେନ୍ଦୁ ପ୍ରେମାନନ୍ଦ ଘଡାଇ, ଶରତ ସାମଲ, ହରିପଦ ବେହେରା, ସୁଧିର ରଞ୍ଜନ ଦାସ, ଧିରେନ୍ଦ୍ର ନାଥ ସ୍ୱାଇଁ, ଅନାଦି ମଲ୍ଲିକ, ଅଭିମନ୍ୟୁ ମହାନ୍ତି, ପର୍ଶୂରାମ ପ୍ରଧାନ, ମୀନକେତନ ମହାନ୍ତି, ପ୍ରମୋଦ ପ୍ରଧାନ, ତ୍ରିଲୋଚନ ଦାସ, ଲୋପାମୁଦ୍ରା ବାରିକ, ନରୋତ୍ତମ ମଲ୍ଲିକ, କଳାକାର ମଲ୍ଲିକ, ହେମନ୍ତ ବିଶ୍ୱାଳ, ସୁମିତ୍ରା ପାଢୀ, ମନୋରମା ମହାନ୍ତି, ସନ୍ତୋଷ ବେହେରା, ହେମନ୍ତ ମଲ୍ଲିକ, ମନୋଜ ଦାସ, ଅଯୋଦ୍ଧା ବିଶ୍ୱାଳ, ପ୍ରକାଶ ଦାସ, ନରହରି ଲେଙ୍କା, ପ୍ରକାଶ ଲେଙ୍କା, ପ୍ରଦୀପ ସାହୁ, ଅଙ୍କୁର ମଲ୍ଲିକ, ଉଦୟନାଥ ମଲ୍ଲିକ, ମାନିନୀ ମଲ୍ଲିକଙ୍କ ସମେତ କେନ୍ଦ୍ରାପଡା ବ୍ଲକର ବିଭିନ୍ନ ପଂଚାୟତର ଦଳର ଛାମୁଆ କର୍ମୀମାନେ ସାଂସଦ ଶ୍ରୀ ମହାନ୍ତିଙ୍କୁ କୃତଜ୍ଞତା ଜଣାଇବା ସହିତ ସାଂସଦଙ୍କ ପ୍ରତିନିଧି ଶ୍ରୀ ସାହୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାଂସଦଙ୍କ ପ୍ରତିନିଧି ଶ୍ରୀ ସାହୁ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ସାଂସଦଙ୍କୁ ଅବଗତ କରାଇବା ସହ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସବୁକୁ ତୋରାନ୍ୱିତ କରାଇବାରେ ସାଂସଦଙ୍କୁ ଆବଶ୍ୟକ ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି ।

# ବଢ଼ି ଚାଲିଥିବା ର୍ୟାଗିଂ ଘଟଣା ବିରୋଧରେ ଆରମ୍ଭ ହେଲା 'ର୍ୟାଗିଂ ମୁକ୍ତ କ୍ୟାମ୍ପସ୍ ଅଭିଯାନ'

ଭୁବନେଶ୍ୱର, (ପିଏନ): ଉତ୍ତରପ୍ରଦେଶ ମେଡ଼ିକାଲ କଲେଜ ଓ ଓଡ଼ିଶାର ବୁର୍ଲାସ୍ଥିତ ଠଝଝଟଞ୍ଚ ରେ ନବାଗତ ଛାତ୍ରମାନଙ୍କ ଉପରେ ଅତ୍ୟନ୍ତ ଅମାନୁଷିକ ଓ ବର୍ବରୋଚିତ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଘଟଣା ସାମ୍ନାକୁ ଆସିବା ପରେ ଓଡ଼ିଶାରେ 'ର୍ୟାଗିଂ ମୁକ୍ତ କ୍ୟାମ୍ପସ୍ ଅଭିଯାନ' ସଙ୍ଗଠନ ଏହାର ଦୃଢ଼ ପ୍ରତିବାଦ କରିବା ସହ ରାଜ୍ୟବ୍ୟାପୀ ବ୍ୟାପକ କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ କରିଛି । ଭୁବନେଶ୍ୱରସ୍ଥିତ ମହାତ୍ମାଗାନ୍ଧୀ ପାର୍କରେ ସଙ୍ଗଠନର ଆବାହକ ତେଜେଶ୍ୱର ପରିଡ଼ାଙ୍କ ନେତୃତ୍ୱରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ତଳେ ନୀରବ ପ୍ରତିବାଦ କରାଯିବା ସହ ସଚେତନତା ଓ ଶପଥ ପାଠ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ରାଜ୍ୟର ବିଭିନ୍ନ ପ୍ରମୁଖ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାମାଜିକ କର୍ମୀ ଓ ଛାତ୍ର ସଙ୍ଗଠନର କର୍ମକର୍ତ୍ତା ପ୍ରମୁଖ ଅଂଶଗ୍ରହଣ କରିବା ସହ ଘଟଣା ଗୁଡ଼ିକର ତୀବ୍ର ନିନ୍ଦା କରିଥିଲେ । ର୍ୟାଗିଂ ଘଟଣା ବିଷୟରେ ପୀଡ଼ିତ ଛାତ୍ରଛାତ୍ରୀ, ଅଭିଭାବକମାନେ ମୁହଁ ଖୋଲିବା ସହ ସ୍ଥାନୀୟ ଥାନାରେ ତୁରନ୍ତ ଅଭିଯୋଗ କରିବା ତଥା ଶିକ୍ଷାନୁଷ୍ଠାନର ବରିଷ୍ଠ ଛାତ୍ରଛାତ୍ରୀ ଓ କର୍ତ୍ତୃପକ୍ଷ ର୍ୟାଗିଂକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ପଦକ୍ଷେପ ନେବା, ଥାନା ଗୁଡ଼ିକରେ ଇଭଷ୍ପସ-ଜବଶଶସଭଶ ଉରକ୍ଷକ ପ୍ରତିଷ୍ଠା, ଉବକ୍ସରରକ୍ସ ଓ ଚ ଷ୍ପ ଛ ମ ଷ କ୍ଟ କ୍ଷ କ୍ଟ ଶ ସ ମ ବ କ୍ଷ ଉକ୍ଟଙ୍କଭଷ୍ପରକ୍ଷକ୍ଷସଭଶ ଭଳି କାର୍ଯ୍ୟକ୍ରମ ଉପରେ ଆଲୋଚନା ହେବା ସହ କୌଣସି ଛାତ୍ରଛାତ୍ରୀ ଚାହିଁଲେ ସଂଗଠନର ସମ୍ପୂର୍ଣ୍ଣ ସହାୟତା ନେଇ ପାରିବେ ବୋଲି ଶ୍ରୀଯୁକ୍ତ ପରିଡ଼ା କହିଛନ୍ତି । ଆସନ୍ତା ରବିବାର ଭୁବନେଶ୍ୱରଠାରେ ଏକ ଦିନିକିଆ ରାଜ୍ୟସ୍ତରୀୟ ର୍ୟାଗିଂ ବିରୋଧୀ କର୍ମଶାଳା ଓ ଆଲୋଚନାଚକ୍ର କରାଯିବା ସହ ସମସ୍ତ ଜିଲ୍ଲାରେ ସଙ୍ଗଠନର ସଦସ୍ୟମାନଙ୍କୁ ଏଭଳି କୌଣସି ଘଟଣାରେ ପୀଡ଼ିତଙ୍କୁ ସହଯୋଗ ପାଇଁ ଘୋଷଣା କରାଯାଇଛି । ସମସ୍ତ ହଷ୍ଟେଲ ଗୁଡ଼ିକରେ ର୍ୟାଗିଂ ଉପରେ ତୀକ୍ଷ୍ଣ ନଜର ରଖାଯିବା ସହ ର୍ୟାଗିଂରେ ସମ୍ପୃକ୍ତ ଦୋଷୀଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ସମ୍ପୂର୍ଣ୍ଣ ର୍ୟାଗିଂମୁକ୍ତ କ୍ୟାମ୍ପସ୍ ଉପରେ ଅଧିକ ଗୁରୁତ୍ୱ ଦେବାପାଇଁ ଅଂଶଗ୍ରହଣକାରୀମାନେ ନିବେଦନ କରିଛନ୍ତି । ର୍ୟାଗିଂ ମୁକ୍ତ କ୍ୟାମ୍ପସ୍ ଅଭିଯାନର ସହ-ଆବାହକ ମୀର ଅହମ୍ମଦ ଅଲ୍ଲୀ ଓ ସତ୍ୟବ୍ରତ ଜେନାଙ୍କ ସହ ଗାନ୍ଧିବାଦୀ ନେତା ପ୍ରହ୍ଲାଦ ସିଂ, ମଧୁସୂଦନ ଦାସ, ମନୋଜ ଜେନା, ଆର୍ଯ୍ୟଭଟ୍ଟ ମହାନ୍ତି, ଓଡ଼ିଶା ଅଭିଭାବକ ମହାସଂଘର ସଭାପତି ବାସୁଦେବ ଭଟ୍ଟ, ପ୍ରସନ୍ନ ବିଶୋୟୀ, ଟଭସଷ୍ପରୟ ଇଚଟଞ୍ଚ ଝ ଷ୍ପ ଙ୍କ ୟ ର ଭ ଷ୍ପ ଷ୍ପ ଇଷ୍ପଷ୍ପକ୍ଟମସବଷ୍ପସକ୍ଟଭ ର ଆବାହକ ପ୍ରଦୋଷ ପରିଡ଼ା, ସମାଜସେବୀ ତୁଷାରକାନ୍ତି ପ୍ରମୁଖଙ୍କ ସହ ଶତାଧିକ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।




# ସମାଜସେବୀଙ୍କ ଶ୍ରାଦ୍ଧ ଉତ୍ସବ ପାଳିତ

ରଣପୁର (ସୁର୍କାବାଡ଼ି): ସୁର୍କାବାଡ଼ିନିବାସୀ ୰ ପ୍ରେମଲତା ସାହୁଙ୍କର ପ୍ରଥମ ଶ୍ରାଦ୍ଧଦିବସ ଗତ ୧୭.୧୦.୨୦୧୯ ଗୁରୁବାର ଦିନ ତାଙ୍କର ଏକ ମାତ୍ର ପୁତ୍ର ରମେଶ କୁମାର ସାହୁ (କେଞ୍ଝୁ)ଙ୍କ ଦ୍ୱାରା ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି । ପ୍ରଥମେ ଭଜନ, କୀର୍ତ୍ତନ ଓ ଠାକୁରଙ୍କର ନାମରେ ସ୍ୱର୍ଗତ ମାତାଙ୍କର ଚରଣ ବିନ୍ଦକୁ ସ୍ମରଣକରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ତାଙ୍କର ଆତ୍ମାର ସତଗତୀ ନିମନ୍ତେ ପୁଅ, ବୋହୂ; ଝିଅ, ଜ୍ୱାଇଁ; ଭଣଜା,ଭାଣେଜି; ନାତି, ନାତୁଣୀମାନେ ତଥା ପରିବାର ଓ ଆତ୍ମୀୟ ସ୍ୱଜନ ଉପସ୍ଥିତରହି ସ୍ୱର୍ଗତ ଆତ୍ମାର ସତଗତୀ ନିମନ୍ତେ ନିଷ୍ଠାପର ଭକ୍ତି ପ୍ରାର୍ଥନା ଠାକୁରଙ୍କୁ କରିଥିଲେ ।

ତତ୍ ସହିତ ସେହି ଗ୍ରାମର ବଳଭଦ୍ର ସାହୁ (ବଳିଆ)ଙ୍କ ଦେହାନ୍ତ ହୋଇଥିବାରୁ ୧୮.୧୦.୨୦୧୯ ତାରିଖ ଶୁକ୍ରବାର ତାଙ୍କର ଦଶାହ କାର୍ଯ୍ୟ ସମସ୍ତେ ପରିବାର ଏବଂ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ହୋଇ ସ୍ୱର୍ଗତ ଆତ୍ମାର ସତଗୀତ ନିମନ୍ତେ ଠାକୁରଙ୍କ ପାଖରେ ପ୍ରର୍ଥାନ କରିଥିଲେ । ତାଙ୍କର ଆତ୍ମା ଶାନ୍ତିର ରହୁ । ଏହା ହିଁ କାମନା ।

# ଏନକାଉଣ୍ଟରରେ ଦୁର୍ଦ୍ଧାନ୍ତ ଅପରାଧୀ ଦିବାନା ଆହତ

ପୁରୀ, (ପିଏନ)- ଗତକାଲି ବିଳମ୍ବିତ ରାତିରେ ପୁଲିସ ଏନକାଉଂଟରରେ ଦୁର୍ଦ୍ଧାନ୍ତ ଅପରାଧୀ ଦିବାନା ବେହେରା ଆହତ ହୋଇଛି । ପ୍ରଥମେ ପୁଲିସକୁ ଦେଖି ଦିବାନା ଗୁଳି ଚଳାଇବାରେ ବାସେଳୀ ସାହି ଥାନା ଅଧିକାରୀ ଜୀବନାନନ୍ଦ ଜେନା ଆହତ ହୋଇଥିଲେ । ପୁଲିସର ପାଲଟା ଜବାବରେ ଦିବାନାର ଡାହାଣପଟ ଆଣ୍ଠୁ ତଳକୁ ଗୁଳିଟି ମାଡ ହେବାରୁ ସେ ସେହିଠାରେ ତଳେ ପଡିଯାଇଥିଲା । ପୁଲିସ ତାକୁ ସେଠାରୁ କାବୁ କରି ପୁରୀ ମେଡିକାଲକୁ ଆଣିଥିଲେ । ସେଠାରେ ତା'ର ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଦୁର୍ଦ୍ଧାନ୍ତ ଅପରାଧୀ ଦିବାନା ପୁରୀ ପୁଲିସ ପାଇଁ ମୋଷ୍ଟ ୱାଂଟେଡ ଥିଲା । ଗତକାଲି ବିଳମ୍ବିତ ରାତିରେ ସେ ଏକ ହତ୍ୟାକାଣ୍ଡ ଯୋଜନା କରୁଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ପୁରୀ ଏସପି ଉମାଶଙ୍କର ଦାଶଙ୍କ ନେତୃତ୍ୱରେ ଏକ ଟିମ୍ ଦିବାନାକୁ ପିଛା କରିଥିଲେ । କୁମ୍ଭାରପଡା ଥାନା ଅନ୍ତର୍ଗତ ଆଶ୍ରମ ଛକରେ ଦିବାନା ପୁଲିସ ପିଛା କରୁଥିବା ଜାଣି ଓଲଟା ପୁଲିସ ଉପରକୁ ଗୁଳିଚାଳନା କରିଥିଲା । ଘଟଣାସ୍ଥଳରେ ପୁଲିସ ଓ ଦିବାନା ମଧ୍ୟରେ କିଛି ସମୟ ଗୁଳି ବିନିମୟ ହୋଇଥିଲା । ଶେଷରେ ପୁଲିସ ଗୁଳିରେ ଦିବାନା ଗୁରୁତର ଆହତ ହୋଇଥିଲା । ଗିରଫ ସମୟରେ ପୁଲିସ ତା' ନିକଟରୁ ଏକ ପିସ୍ତଲ, ବାଇକ୍ ଓ ଏକ ଜୀବନ୍ତ ଗୁଳି ଜବତ କରିଥିଲା । ସୂଚନା ଥାଉ କି, ଦିବାନା ଜଣେ ପେଷାଗତ ଅପରାଧୀ । ସେ ବିଭିନ୍ନ ସମୟରେ ସହରରେ ଅପରାଧ ଘଟାଇ ଆତଙ୍କ ସୃଷ୍ଟି କରି ଚାଲିଥିଲା । ହେଲେ ପୁଲିସ ତାକୁ ଗିରଫ କରିବାରେ ସଫଳ ହୋଇନଥିଲା । ସେ ଅପରାଧ ଘଟାଇ ପୁଲିସକୁ ଚକମା ଦେଖାଇ ଫେରାର୍ ହୋଇଯାଉଥିଲା । ତାକୁ ଗିରଫ କରିବା ପୁଲିସ ପାଇଁ ବଡ ଚ୍ୟାଲେଞ୍ଜ ଥିଲା । ସହରରେ ୪୮ଘଂଟା ମଧ୍ୟରେ ଦୁର୍ବୃତମାନେ ଅପରାଧ ଘଟାଇଥିଲେ ସୁଦ୍ଧା ଅପରାଧକୁ ନିୟନ୍ତ୍ରଣ କରିବାରେ ପୁଲିସ ସଫଳ ହୋଇପାରିନାହିଁ । ଅଭିଯୁକ୍ତ ଦିବାନା ମେଡିକାଲରୁ ଫେରିଲା ପରେ ପୁଲିସର ଏକ ଟିମ୍ ତାକୁ ଜେରା କରିବ ଏବଂ ସହରରେ ଘଟୁଥିବା ବିଭିନ୍ନ ଅପରାଧ ସଂପର୍କରେ ତା ନିକଟରୁ ତଥ୍ୟ ଆଦାୟ କରାଯିବ ବୋଲି ପୋଲିସ ଆଶାପ୍ରକଟ କରିଛି ।

# ବକେୟା ଦରମା, ଘରଭଡ଼ା ଓ ପୋଷାକ ଭତା ଦେବାକୁ ପ୍ରାଥମିକ ଶିକ୍ଷକ ସଂଘର ଦାବି

ଭୁବନେଶ୍ୱର, (ପିଏନ)- ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ଘରଭଡ଼ା, ୬୦% ବକେୟା ଓ ପୋଷାକ ଭତା ତୁରନ୍ତ ପ୍ରଦାନ କରିବାକ ନୂତନ ପେନ୍‌ସନ୍ ଯୋଜନାଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା ଓ ସାଧାରଣ ସମ୍ପାଦକ ବିଭୂ ପ୍ରସାଦ ସାହୁ ଦାବି କରିଛନ୍ତି । ଯଦି ସରକାର ଖୁବ୍ ଶୀଘ୍ର ଦାବି ପୂରଣ ନକରନ୍ତି, ତେବେ ଆଗାମୀ ଦିନରେ ବାଧ ହୋଇ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘ ଚେତାବନୀ ଦେଇଛନ୍ତି । ଶିକ୍ଷକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଭୁବନେଶ୍ୱରସ୍ଥିତ ଶ୍ରମିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ସରକାରଙ୍କ ଶିକ୍ଷା ଓ ଶିକ୍ଷକ ମାରଣ ନୀତିକୁ ଏହି ବୈଠକରେ ତୀବ୍ର ବିରୋଧ କରାଯାଇଥିଲା । ଶିକ୍ଷା ଅଧିକାର ଆଇନ୍ ଅନୁଯାୟୀ ସରକାର ଶିକ୍ଷକ ନିଯୁକ୍ତି କରୁନାହାଁନ୍ତି । ଶ୍ରେଣୀ ପିଛା ଶିକ୍ଷକ, ବିଷୟଭିତିକ ଶିକ୍ଷକ, କିରାଣୀ ଓ ପିଅନ ବିଦ୍ୟାଳୟରେ ନିଯୁକ୍ତି କରାଯାଉ ନାହିଁ ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଷୁଡ଼ି ପଡ଼ିଛି ବୋଲି ସଂଘ ଅଭିଯୋଗ କରିଛି । ଗୋଟିଏ ପଟେ ସରକାର ଠିକା ଓ ଚୁକ୍ତି ଶିକ୍ଷକ ନିଯୁକ୍ତି କରି ଉଚ୍ଚଶିକ୍ଷିତ ଯୁବକ ଯୁବତୀମାନଙ୍କୁ ଶୋଷଣ କରୁଥିବା ବେଳେ ଅନ୍ୟପଟେ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ପୋଷାକ, ପାଠ୍ୟପୁସ୍ତକ ଓ ଉନ୍ନତମାନର ମଧ୍ୟାହ୍ନଭୋଜନ ନ ଯୋଗାଇ ଛାତ୍ରଛାତ୍ରୀମାନଙ୍କ ଭବଷ୍ୟତ ସହ ଖେଳ ଖେଳୁଛନ୍ତି । ସରକାର ଗୃହ ବିଭାଗ କର୍ମଚାରୀ, ନର୍ସ, ଆଶାକର୍ମୀ ଓ ଅଙ୍ଗନବାଡ଼ି କର୍ମୀଙ୍କୁ ପୋଷାକ ଭତା ଦେଉଥିବା ବେଳେ ଶିକ୍ଷକମାନଙ୍କୁ ପୋଷାକ ଭତା ଦିଆଯାଉନାହିଁ ।



ବାହାରିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟଙ୍କୁ ଭେଟୁଛନ୍ତି

# ପରିବାର ପେନସନ ନପାଇ ମାନ୍ୟବରଙ୍କ ପରିବାର ହନ୍ତସନ୍ତ

ଭଦ୍ରକ, (ପିଏନ)- ପରିବାର ପେନସନ ନପାଇ ହନ୍ତସନ୍ତ ହେଉଛନ୍ତି ସଂଗ୍ରାମୀ ମାନ୍ୟବର ପରିବାର । ସ୍ୱାଧିନତା ଆନ୍ଦୋଳନରେ ଝାସ ଦେଇ ଦେଶପାଇଁ କାରାବରଣ କରିଥିବା ସଂଗ୍ରାମୀ ପରିବାରଙ୍କୁ ମିଳୁନାହିଁ ପରିବାର ପେନସନ । ସଂଗ୍ରାମୀଙ୍କ ମୃତ୍ୟୁ ପରେ ବନ୍ଦ ହୋଇଯାଇଥିବା ପରିବାର ପେନସନ ପାଇବାକୁ ବାର ଓଳି ଶୁଣ୍ଡିପିଣ୍ଡା ହେବାକୁ ପଡୁଛି ମାନ୍ୟବର ପରିବାରଙ୍କୁ । ଏ ବ୍ୟାଙ୍କରୁ ସେ ବ୍ୟାଙ୍କ ଜିଲ୍ଲା ଟ୍ରେଜେରୀରୁ ରାଜ୍ୟ ଟ୍ରେଜେରୀ ଦଉଡି ଦଉଡି ନୟାନ୍ତ ହେଲେଣି ସେମାନେ । ହେଲେ ସେମାନଙ୍କ କଥା କେହି ଶୁଣୁନାହାନ୍ତି । ସରକାର ସଂଗ୍ରାମୀଙ୍କୁ ସମ୍ମାନ ଦେବାକୁ ସେମାନଙ୍କୁ ମାନ୍ୟବର ସମ୍ବୋଧନ କରିବାକୁ ଘୋଷଣା କରିଛନ୍ତି । ହେଲେ ମାନ୍ୟବରଙ୍କ ମୃତ୍ୟୁପରେ ସେମାନଙ୍କ ପରିବାରଙ୍କୁ ସମ୍ମାନ ମିଳିବା ଦୂରର କଥା, ଗତ ପ୍ରାୟ ୯ ମାସ ହେବ ବନ୍ଦ ହୋଇଯାଇଥିବା ପରିବାର ପେନସନ ଯୋଗାଇ ଦେବାକୁ କେହି ସହଯୋଗର ହାତ ବଢାଇ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ଦିବଂଗତ ସଂଗ୍ରାମୀ ରତ୍ନାକର ସାମଲଙ୍କ ପରିବାର ।ଭଦ୍ରକ ଜିଲ୍ଲା ରାନ୍ଦିଆ ଅଂଚଳର ଅନ୍ୟତମ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ରତ୍ନାକର ସାମଲ । ଭାରତୀୟ ଜାତୀୟ ଆନ୍ଦୋଳନରେ ଦେଶମାତୃକା ପାଇଁ ଅତ୍ୟାଚାରୀ ବ୍ରିଟିଶ ପୋଲିସ ମାଡରେ ଲହୁଲୁହାଣ ହୋଇଛନ୍ତି, ଘର ଛାଡି ବଣବୁଦାରେ ରାତି କାଟିଛନ୍ତି, କାରାବରଣ କରିଛନ୍ତି ହେଲେ ଦେଶମାତୃକା ପାଇଁ ତାଙ୍କର ଏହି ସଂଗ୍ରାମକୁ ତାଙ୍କ ମୃତ୍ୟୁପରେ ଭୁଲିଯାଇଛନ୍ତି ସରକାର । ସଂଗ୍ରାମୀଙ୍କ ସହଧର୍ମିଣୀଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ୱାମିଙ୍କ ଦେହାନ୍ତ ପରେ ଗତ ୧୯୯୮ ମସିହା ଠାରୁ ତାଙ୍କୁ ଭଦ୍ରକ ଟ୍ରେଜରୀରୁ ମାସିକ ପରିବାର ପେନସନ ମିଳୁଥିଲା । ପରେ ଏହି ପେନସନ ଭଦ୍ରକ ଟ୍ରେଜରୀରୁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କକୁ ଟ୍ରାନ୍ସଫର କରିଦିଆଯାଇଥିଲା । ତେବେ ବର୍ଦ୍ଧିତ ପେନସନ୍ ମାସିକ ୨୬ ହଜାରକୁ ବୃଦ୍ଧିପାଇଥିଲ ମଧ ବ୍ୟାଙ୍କ କର୍ତୃପକ୍ଷ ବିଭିନ୍ନ ଆଳ ଦେଖାଇ ବର୍ଦ୍ଧିତ ପେନସନ ନଦେଇ ମାନ୍ୟବରଙ୍କ ପତ୍ନୀ ମଞ୍ଜୁଲତାଙ୍କୁ ମାସିକ ମାତ୍ର ୧୫ ହଜାର ଟଙ୍କା ଦେଉଥିଲେ । ଫଳରେ ବାଧ ହୋଇ ମଞ୍ଜୁଲତା ତାଙ୍କ ଜମାଖାତା ପିଏନବିରୁ ଏସବିଆଇ ଭଦ୍ରକ ଶାଖାକୁ ଟ୍ରାନ୍ସଫର କରିନେଇଥିଲେ ।

## ନଦୀକୁ ଗାଧୋଇବାକୁ ଯାଇ ଯୁବକ ନିଖୋଜ

ପଟ୍ଟାମୁଣ୍ଡାଇ,(ପିଏନ)- ଆଜି ଅପରାହ୍ନରେ ବିଲରୁ କାମ ସାରି ନଦୀକୁ ଧୋଇ ହେବାକୁ ଯିବା ସମୟରେ ଚନ୍ଦନ ନାମକ ଯୁବକ (୩୦) ନିଖୋଜ ଅଛନ୍ତି । ଖବର ନେବାରେ ଜଣାପଡ଼ିଛି ଯେ, ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମରେ ଥିବା ବ୍ରାହ୍ମଣୀନଦୀକୁ ଶୌଚ ହେବାକୁ ଯାଇ ଚନ୍ଦନ ନାମକ ଯୁବକ ଫେରି ନାହାନ୍ତି ।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Sunday Aug 20 | ଭୁବନେଶ୍ୱର | ରବିବାର, ଅଗଷ୍ଟ ୨୦ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com






ରାଞ୍ଚି ଟେଷ୍ଟରେ ରୋହିତ ଶତକ ପରେ ରାହାଣେ ବଧେଇ ଜଣାଉଛନ୍ତି

## ଦୂତୀ, ଅମିୟ ଓ ଜଉନାଙ୍କୁ କିଟ୍‌ରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୯।୧୦(ପିଏନ) : କିଟ୍ ବିଶ୍ୱବିଦ୍ୟାଳୟ, ଓଡ଼ିଶା ତଥା ଭାରତର ଗର୍ବ ଓ ଗୌରବ ଷ୍ଟାର ଖେଳାଳି ଦୂତୀ ଚାନ୍ଦ, ଅମିୟ ମଲ୍ଲିକ୍ ଏବଂ ଜଉନା ମୁର୍ମୁଙ୍କୁ ଶନିବାର କିଟ୍ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିଟ୍ ଓ କିସ୍‌ର କର୍ମକର୍ତ୍ତା ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଏହି ତିନି ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନିକଟରେ ଝାଡ଼ଖଣ୍ଡର ରାଞ୍ଚିଠାରେ ଅନୁଷ୍ଠିତ ୫୯ତମ ନ୍ୟାସନାଲ୍ ଓପନ୍ ଆଥଲେଟିକ୍ସ ଚାମ୍ପିଅନସିପ୍ ୨୦୧୯ରେ ଏହି ତିନିଜଣ ଖେଳାଳି ସ୍ୱର୍ଣ୍ଣପଦକ ହାସଲ କରି କିଟ୍ ଓ କିସ୍‌କୁ ସୁନାମ ଆଣିବା ସହ ଓଡ଼ିଶାର ଗୌରବ ବୃଦ୍ଧି କରିଥିଲେ। ଦୂତୀ ଚାନ୍ଦ ମହିଳା ବର୍ଗର ୧୦୦ ମିଟର ଓ ୨୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଅମିୟ ପୁରୁଷ ବର୍ଗର ୧୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଓ ଜଉନା ୪୦୦ ମିଟର ହର୍ଡଲ୍‌ସରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଦୂତୀ ୨୩.୧୭ ସେକେଣ୍ଡରେ ୨୦୦ ମିଟର ଦୌଡ଼ି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସେମି ଫାଇନାଲ୍‌ରେ ୧୧.୨୨ ସେକେଣ୍ଡରେ ୧୦୦ ମିଟର ଦୌଡ଼ି ନିଜ ପୂର୍ବ ରେକର୍ଡକୁ ଭାଙ୍ଗିଥିଲେ। କିଟ୍ ବିଶ୍ୱବିଦ୍ୟାଳୟର ଏହି ତିନି ଖେଳାଳିଙ୍କ ସଫଳତାରେ କିଟ୍ ଓ କିସ୍‌ରେ ଖୁସିର ଲହରି ଖେଳି ଯାଇଥିଲା। ଏହି ଉପଲକ୍ଷେ ସେମାନଙ୍କୁ ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ କିଟ୍ ଓ କିସ୍‌ର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ଅଧିକାରୀମାନେ ଉପସ୍ଥିତ ରହି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଓ କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।




## ନାଲ୍‌କୋ ମହିଳା ସମିତି ପକ୍ଷରୁ ଦୃଷ୍ଟିହୀନ ବିଦ୍ୟାଳୟରେ ମଶାରୀ ବିତରଣ

ଭୁବନେଶ୍ୱର, (ପିଏନ) : ଏକ ମହାନ ଉଦ୍ଦେଶ୍ୟ କ୍ରମେ, ଅଧକ୍ଷା ଶ୍ରୀମତୀ ପ୍ରୀତି ରାୟ ଚାନ୍ଦଙ୍କ ନେତୃତ୍ୱରେ ନାଲ୍‌କୋ ମହିଳା ସମିତିର ସଦସ୍ୟାମାନେ ନିକଟରେ ଭୁବନେଶ୍ୱର ସ୍ଥିତ ଭୀମ ଭୋଇ ଦୃଷ୍ଟିହୀନ ବିଦ୍ୟାଳୟର ଅନ୍ତେବାସୀମାନଙ୍କୁ ମଶାରୀ ବିତରଣ କରାଯାଇଛି। ଏହା ଦ୍ୱାରା ଏହି ଶିଶୁମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ସୁନିଶ୍ଚିତ ହୋଇପାରିବ।



## ରୟାଲ ଷ୍ଟାଗ୍ ବ୍ୟାରେଲ୍ ସିଲେକ୍ଟ ପ୍ରସ୍ତୁତ ସଚିନ ଗୋଖଲେଙ୍କ କ୍ଷୁଦ୍ର ଚଳଚିତ୍ର ‘ଚୁଭନ’

ଭୁବନେଶ୍ୱର : ମରାଠି ଟେଲିଭିଜନର ପ୍ରସିଦ୍ଧ ନିର୍ଦ୍ଦେଶକ ସଚିନ ଗୋଖଲେ ଙ୍କ ଦ୍ୱାରା ନିର୍ମିତ ଓ ଶ୍ୱେତା ପ୍ରସାଦ ବସୁ ଙ୍କ ଅଭିନିତ କ୍ଷୁଦ୍ର ଚଳଚିତ୍ର ‘ଚୁଭନ’ ରୟାଲ ଷ୍ଟାଗ୍ ବ୍ୟାରେଲ୍ ସିଲେକ୍ଟ ଲାର୍ଜ ସର୍ଟ ଫିଲ୍ମ ପକ୍ଷରୁ ପ୍ରସ୍ତୁତ ହୋଇଛି। ମେଟ୍ରୋରେ ରହୁଥିବା ମଧବିତ ପରିବାରରେ କର୍ମଜୀବି ମହିଳାଙ୍କ ଦୈନନ୍ଦିନ ଜୀବନ ଓ କାର୍ଯ୍ୟଭାର ଉପରେ ଏହି କ୍ଷୁଦ୍ର ଚଳଚିତ୍ର ଅଧାରିତ। ଏଥିରେ ମୁଖ୍ୟ ଚରିତ୍ରରେ ଶ୍ୱେତା ପ୍ରସାଦ ବସୁ ଅଭିନୟ କରିବା ବେଳେ ମେଘନା ଏକ ଯୁବତୀର ସଂଗ୍ରାମକୁ ନିଖୁଣ ଭାବରେ ଦର୍ଶାଇଛନ୍ତି। ରୟାଲ ଷ୍ଟାଗ୍ ବ୍ୟାରେଲ୍ ସିଲେକ୍ଟ ଲାର୍ଜ ସର୍ଟ ଫିଲ୍ମସ କ୍ଷୁଦ୍ର ଚଳଚିତ୍ର ପ୍ରସ୍ତୁତ କରିବାର ଏକ ପ୍ରମୁଖ ଭୁମିକା ନେଇ ଆସୁଛି। ଏହା କ୍ଷୁଦ୍ର ଫିଲ୍ମ ନିର୍ମାଣ ପାଇଁ ବିଭିନ୍ନ ପାନ୍ତରରେ ପ୍ରସିଦ୍ଧ ଗାଳ୍ପିକ ଓ ନିର୍ଦ୍ଦେଶକ ମାନଙ୍କ ସହ ଅନୁବନ୍ଧିତ ହୋଇଅଛି। ଏହା ଦ୍ୱାରା ପ୍ରସ୍ତୁତ କ୍ଷୁଦ୍ର ଚଳଚିତ୍ର ଦର୍ଶକ ମାନଙ୍କ ଦୃଷ୍ଟିଭଙ୍ଗୀରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସଫଳ ହୋଇଛି।ଏହି କ୍ଷୁଦ୍ର ଚଳଚିତ୍ରର ଶୁଭାରମ୍ଭ ଉପରେ କାର୍ତିକ ମହିନ୍ଦ୍ରା, ଚିଫ୍ ମାର୍କେଟିଂ ଅଫିସର, ପରନଡ ରିକାର୍ଡ ଇଣ୍ଡିଆ ମନ୍ତବ୍ୟ ଦେଇ କହିଛନ୍ତି, “ଦର୍ଶକ ମାନଙ୍କ ଦ୍ୱାର ବହୁଳ ଭାବାରେ କ୍ଷୁଦ୍ର ଚଳଚିତ୍ର ଆଦୃତ ହେବା ଦ୍ୱାରା କ୍ଷୁଦ୍ର ଚଳଚିତ୍ର ଶିଳ୍ପର ଅଭିବୃଦ୍ଧି ଘଟିଛି। ରୟାଲ ଷ୍ଟାଗ୍ ବ୍ୟାରେଲ୍ ସିଲେକ୍ଟ ଲାର୍ଜ ସର୍ଟ ଫିଲ୍ମ ଏହି ପରିବର୍ତ୍ତନକୁ ଆଗେଇ ନେବା ପାଇଁ କାର୍ଯ୍ୟକରିଆସୁଛି।”ଚୁଭନ କ୍ଷୁଦ୍ର ଚଳଚିତ୍ରର ବିଷୟବସ୍ତୁ ମେଟ୍ରୋ ସହରକୁ ଆସିଥିବା କର୍ମଜୀବି ମହିଳା ମାନଙ୍କ ଜୀବନରେ ଘଟୁଥିବା ଘଟଣାକ୍ରମ ଓ ସଂଗ୍ରାମ ଉପରେ ଆଧାରିତ। ଏହି ଚଳଚିତ୍ରର ପ୍ରିମିୟର ରୟାଲ ଷ୍ଟାଗ୍ ବ୍ୟାରେଲ୍ ସିଲେକ୍ଟ ଲାର୍ଜ ସର୍ଟଫିଲ୍ମସର ୱେବସାଇଟ www.largeshortfilms.com ରେ ପ୍ରସାରିତ ହେବ। ରୟାଲ ଷ୍ଟାଗ୍ ବ୍ୟାରେଲ୍ ‘ମେକ୍ ଇଟ୍ ପରଫେକ୍ଟ’ ଉପରେ ବିଶ୍ୱାସ କରିଥାଏ। ଏହା ବଲିଉଡ୍‌ର ସୃଜନଶୀଳ ନିର୍ଦ୍ଦେଶକଙ୍କୁ ମୁଖ୍ୟସ୍ରୋତରେ ସାମିଲ୍ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ରୟାଲ ଷ୍ଟାଗ୍ ବ୍ୟାରେଲ୍ ଏକ ସଫଳ ପ୍ଲାଟଫର୍ମ ଭାବରେ ବେଶ୍ ଖ୍ୟାତି ହାସଲ କରିପାରିଛି ଏବଂ ଫିଲ୍ମ ନିର୍ମାତାଙ୍କୁ ପ୍ରୋତ୍ସାହିତ କରିପାରୁଛି।

## କିଟ୍‌ରେ ଜାତୀୟ ଫାଇନାନ୍ସ କନ୍‌କ୍ଲେଭ




ଭୁବନେଶ୍ୱର, ୧୯।୧୦(ପିଏନ): କିଟ୍ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଶନିବାର ୧୦ମ ଜାତୀୟ ଫାଇନାନ୍ସ କନ୍‌କ୍ଲେଭ୍ ଅନୁଷ୍ଠିତ ହୋଇଯାଇଛି। ଚଳିତ କନ୍‌କ୍ଲେଭର ବିଷୟବସ୍ତୁ ରହିଥିଲା ‘ଗେଟିଂ ଟୁ ୫ ଟ୍ରିଲିଅନ୍ ଡଲାର: ନେଭିଗେଟିଂ ଦି ଫାଇନାନ୍‌ସିଆଲ୍ ଲାଣ୍ଡସ୍କେପ୍’। ବର୍ତ୍ତମାନ ସମୟରେ ଭାରତୀୟ ଅର୍ଥନୀତି ଜଟିଳ ସମୟ ଦେଇ ଗତି କରୁଥିବା ବେଳେ ଏକ ଦୃଢ଼ ଅର୍ଥନୀତି ସହ ଦୀର୍ଘ ମିଆଦୀ ଆର୍ଥିକ ସଂସ୍କାର ଜରୁରି ବୋଲି କନ୍‌କ୍ଲେଭ୍‌ରେ ଯୋଗଦେଇ ବିଶିଷ୍ଟ ଅର୍ଥନୀତିଜ୍ଞମାନେ ପ୍ରକାଶ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷୀକେଶ ମହାନ୍ତି ଦେଶର ଆର୍ଥିକ ଚିତ୍ର ଉପରେ ସମ୍ୟକ ଆଲୋଚନା କରିଥିଲେ। କିଟ୍ ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ସତ୍ୟନାରାୟଣ ମିଶ୍ର ବିଷୟବସ୍ତୁ ଉପରେ ଆଲୋଚନା କରି କହିଲେ, ଦେଶର ବର୍ତ୍ତମାନ ଆର୍ଥିକ ପରିସ୍ଥିତିରେ ଏଭଳି ବିଷୟବସ୍ତୁର ଯଥେଷ୍ଟ ଗୁରୁତ୍ୱ ରହିଛି। ବର୍ତ୍ତମାନ ରାଜନୈତିକ ଉତ୍ସାହ ସହ ଦକ୍ଷତାର ଏକ ମିଳନ ଘଟିଛି ବୋଲି ସେ କହିଥିଲେ। ଏନ୍‌ସିଇଏଆର୍ ଫେଲୋ ତଥା ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଫାଇନାନ୍ସ ଆଣ୍ଡ ପଲିସିର ଏମିରେଟସ୍ ପ୍ରଫେସର ସୁଦୀପ୍ତ ମୁଣ୍ଡଲେ ବିଷୟବସ୍ତୁ ଉପରେ ଆଲୋକପାତ କରି କହିଲେ, ଭାରତରେ ଅର୍ଥନୈତିକ ଅଭିବୃଦ୍ଧିକୁ ଫେରାଇ ଆଣିବାକୁ ହେଲେ ଏକ ସମ୍ମିଳିତ ଉପାୟ ଅବଲମ୍ବନ କରିବାକୁ ପଡ଼ିବ। ପ୍ରଥମ ପ୍ୟାନେଲ୍ ଆଲୋଚନାରେ ବାର୍‌କ୍ଲେସ୍ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କର ମୁଖ୍ୟ ଅର୍ଥନୀତିଜ୍ଞ ରାହୁଳ ବାଜୋରିଆ, ଆକ୍ସିସ୍ ବ୍ୟାଙ୍କର ମୁଖ୍ୟ ଅର୍ଥନୀତିଜ୍ଞ ସୌଗତ ଭଟ୍ଟାଚାର୍ଯ୍ୟ, ଆଇସିଆଇସିଆଇ ସିକ୍ୟୁରିଟିଜ୍‌ର ଇଭିପି ତଥା ସିଆଇଓ ପିୟୂଷ ଗର୍ଗ, ଇଣ୍ଡସ୍ ଇନ୍ ବ୍ୟାଙ୍କର ପ୍ରମୋଦ କାସତ ପ୍ରମୁଖ ଆଲୋଚକ ଭାବେ ଯୋଗଦେଇ ଦେଶରେ ସଂପ୍ରତିକ ଆର୍ଥିକ ମାନ୍ଦାବସ୍ଥା ସମୟରେ ଆର୍ଥିକ ଅଭିବୃଦ୍ଧି ପାଇଁ ଏକ ଦୃଢ଼ ଅର୍ଥନୀତି ଓ ଦୀର୍ଘ ମିଆଦୀ ଆର୍ଥିକ ସଂସ୍କାର ଉପରେ ଗୁରୁତ୍ୱାରୋପ କରିଥିଲେ। ଇକୋନମିକ୍ ଟାଇମ୍‌ସର କନ୍‌ସଲ୍‌ଟିଂ ଏଡିଟର୍ ମାଇଥିଲି ଭୁନ୍‌ସୁର୍‌ମାଥ ପ୍ୟାନେଲର ସଂଯୋଜନା କରିଥିଲେ। ସେହିପରି ଦ୍ୱିତୀୟ ପ୍ୟାନେଲ୍ ଆଲୋଚନାରେ ଏଡ଼େଲୱେସ୍ ସିକ୍ୟୁରିଟିଜ୍‌ର ପ୍ରମୁଖ ଅର୍ଥନୀତିଜ୍ଞ ମାଧବୀ ଆରୋରା, ନିପନ୍ ଇଣ୍ଡିଆ ମ୍ୟୁଚୁଆଲ୍ ଫଣ୍ଡର ଫିକ୍ସଡ ଇନ୍‌କମ୍ ସିଆଇଓ ଅମିତ ତ୍ରିପାଠୀ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସର ଚେୟାର ପ୍ରଫେସର ଅରୁଣ କୁମାର, ଟ୍ରଷ୍ଟ କ୍ୟାପିଟାଲ୍‌ର ସହଯୋଗୀ ନିର୍ଦ୍ଦେଶକ ସନ୍ଦୀପ ବାଗ୍‌ଲା, ହିନ୍ଦୁଜା ଗ୍ରୁପ୍‌ର ସିପିଏମ୍ ମୁଖ୍ୟ ଆର୍ କାନ୍ନନ୍ ପ୍ରମୁଖ ଭାଗନେଇ ବର୍ତ୍ତମାନ ଦେଶର ଆର୍ଥିକ ଅଭିବୃଦ୍ଧିରେ ଦେଖା ଦେଇଥିବା ସମସ୍ୟା ଉପରେ ମତ ରଖି ଏନ୍‌ପିଏ ଏବଂ ଏନ୍‌ବିଏଫ୍‌ସି ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏଥି ଯୋଗୁଁ ଋଣ କ୍ଷେତ୍ରରେ ମାନ୍ଦାବସ୍ଥା ଦେଖା ଦେଇଛି ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଘରୋଇ ଜମାର ଭରଣା ପାଇଁ ବିଦେଶୀ ଜମାକୁ ଆକୃଷ୍ଟ କରିବା ଲାଗି ବ୍ୟାପକ ସୁଯୋଗ ରହିଛି ବୋଲି ଆଲୋଚନାରେ ମତ ପ୍ରକାଶ ପାଇଥିଲା। ଫଳରେ ଅର୍ଥନୀତିରେ ପୁଞ୍ଜି ବିନିଯୋଗ ବିଶେଷ କରି ଭିତ୍ତିଭୂମି କ୍ଷେତ୍ରରେ ପୁଞ୍ଜି ବିନିଯୋଗ ବୃଦ୍ଧି ପାଇବ ବୋଲି କହିଥିଲେ।

## ନୀଳଗିରିରେ ହାତୀଙ୍କ ଉତ୍ପାତ, ୨୦ ଏକର ଜମିରେ ଫସଲ ନଷ୍ଟ

ବାଲେଶ୍ୱର, (ପିଏନ): ନୀଳଗିରିସ୍ଥିତ କୁଲଡିହା ଅଭୟାରଣ୍ୟରୁ ପଳାଇ ଆସିଥିବା ୬ଟି ହାତୀ ଦୀର୍ଘ ୨ ମାସ ଧରି ନୀଳଗିରି ଅଞ୍ଚଳରେ ଉତ୍ପାତ କରୁଛନ୍ତି। ଗତ ୩ ଦିନ ହେବ ଉକ୍ତ ହାତୀପଲ ଭଉଁରିଆବାଡ ପଞ୍ଚାୟତର ଜେନାସାହି, କୁମାରଖାଲିଆ, ସାତଖାଲିଆ, କଡିବାଲି, ବାଲିଆଝର ପ୍ରଭୃତି ଅଞ୍ଚଳରେ ପ୍ରବେଶ କରି ବ୍ୟାପକ ଚାଷ ନଷ୍ଟ କରିଛନ୍ତି। କମାରଖାଲିଆ ଗ୍ରାମର ସଞ୍ଜୟ ସିଂ, ଜଗବନ୍ଧୁ ସିଂ, କ୍ଷେତ୍ରମୋହନ ସିଂ, ଶ୍ୟାମ ସିଂ, ସାବିତ୍ରୀ ସିଂ, କଟେ ସିଂ, ଚୈତନ୍ୟ ସିଂ, କାପୁରା ସିଂ ଓ ଜେନା ଡାହି ଗ୍ରାମର ଡୁଗୁଲୁ ସିଂ, ବିଦ୍ୟାଧର ସିଂ, ହାଡିବନ୍ଧୁ ସିଂ, ମଧୁସୂଦନ ସିଂଙ୍କ ସମେତ ବହୁ ଚାଷୀଙ୍କର ପ୍ରାୟ ୨୦ ଏକରରୁ ଉର୍ଦ୍ଧ୍ୱ ଚାଷଜମିକୁ ହାତିପଲ ଦଳି ଦେଇଛନ୍ତି। ଏ ନେଇ ବନାଞ୍ଚଳବାସୀ ମୁଣ୍ଡରେ ହାତି ଦେଇ ବସିଥିବା ବେଳେ ଆଉ କିଛି ଚାଷୀ ନିଜ କ୍ଷେତକୁ ରକ୍ଷା କରିବା ପାଇଁ ଗଛରେ ମଞ୍ଚା ବାନ୍ଧିଛନ୍ତି। ଆଉ କିଛି ଚାଷୀ ବିଲମୁଣ୍ଡରେ ପଲିଥିନ ଟାଙ୍ଗି ଲାଇଟ୍ ଓ ବାଣ ଧରି ରାତିସାରା ଜଗି ରହୁଛନ୍ତି। ବନ ବିଭାଗ ପକ୍ଷରୁ ହାତୀ ଘଉଡାଇବା ପାଇଁ କୌଣସି ପଦକ୍ଷେପ ନିଆଯାଉନଥିବା ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ହାତୀ ଘଉଡାଇବା ବ୍ୟବସ୍ଥା କରିବାକୁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି।

## ହିରୋ ମୋଟୋକର୍ପରେ ବିବିଧତା ଅଣିବା ପାଇଁ ‘ପ୍ରକଳ୍ପ ତେଜସ୍ୱିନୀ’

### ହିରୋ ମୋଟୋକର୍ପରେ ‘ବିବିଧତା’ ଯାତ୍ରା ୧୦୦୦ ମହିଳା କର୍ମଚାରୀଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ମାଇଲ ଖୁଣ୍ଟ ଅତିକ୍ରମ କରିଛି




ଭୁବନେଶ୍ୱର : ହିରୋ ମୋଟୋକର୍ପ, ବିଶ୍ୱର ବୃହତମ ମଟରସାଇକେଲ ଏବଂ ସ୍କୁଟର ନିର୍ମାତା ନିଜକୁ ଏକ ପ୍ରକୃତ ବିଶ୍ୱ ସ୍ତରୀୟ ସଙ୍ଗଠନରେ ରୁପାନ୍ତର କରିବା ପାଇଁ ଏହାର ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟକୁ ଧାନରେ ରଖି ବିବିଧତା ଏବଂ ସମାବେଶିତ ଏଜେଣ୍ଡା ଅନବରତ ଚାଲୁ ରଖିଛି।

‘ପ୍ରକଳ୍ପ ତେଜସ୍ୱିନୀ’ କୁହାଯାଉଥିବା ଏହି ସଂଯୁକ୍ତ କାର୍ଯ୍ୟକଳାପ ପ୍ରାରମ୍ଭର ପରିଣାମ ସ୍ୱରୂପ ହିରୋ ମୋଟୋକର୍ପରେ ମହିଳା କର୍ମଚାରୀଙ୍କ ସଂଖ୍ୟା ନିକଟରେ ୧୦୦୦କୁ ଟପିଗଲା, ଯାହା ଦ୍ୱାରା ଏହି ବିବିଧତାର ଯାତ୍ରାରେ ଏକ ପ୍ରମୁଖ ମାଇଲ ଖୁଂଟ ଅତିକ୍ରମ କରାଯାଇଛି।

ମିଷ୍ଟର ବିଜୟ ସେଠୀ, ମୁଖ୍ୟ ମାନବ ସମ୍ବଳ ଅଫିସର ଏବଂ ସିଏସଆର ଓ ଜ୍ଞାନକୌଶଳ ମୁଖ୍ୟ, ହିରୋ ମୋଟୋକର୍ପ, ଏହି ଅବସରରେ ଟିପ୍ପଣୀ କରିବାକୁ ଯାଇ କହିଲେ, “ସମାନ ସୁଯୋଗ, ସଶକ୍ତିକରଣ ଏବଂ ସମସ୍ତଙ୍କ ବିକାଶ ପାଇଁ ପ୍ରୋତ୍ସାହନ ଦେଉଥିବା ଏକ କାର୍ଯ୍ୟ ବତାବରଣ ପୋଷଣ କରିବାକୁ ଆମେ ନିରନ୍ତର ପ୍ରୟାସ କରିଆସୁଛୁ। ଡଃ ପୱନ ମୁଞ୍ଜାଲଙ୍କ ବ୍ୟକ୍ତିଗତ ପ୍ରତିବଦ୍ଧତା ଓ ମାର୍ଗଦର୍ଶନ ଏବଂ ଲିଡରଶିପ ଟିମ ସହିତ ସଂଗଠନର ପ୍ରତ୍ୟେକଙ୍କ ସମ୍ପୃକ୍ତ ସଂଯୁକ୍ତ ପ୍ରୟାସକୁ ଧନ୍ୟବାଦ, ବର୍ତମାନ ହିରୋ ମୋଟୋକର୍ପ ମହିଳା ସହକର୍ମୀଙ୍କ ସଂଖ୍ୟା ୧୦୦୦କୁ ଟପିଯାଇଛି ଏବଂ ନିରନ୍ତର ବଢି ଚଲିଛି। ଏହା କେବଳ ଆରମ୍ଭ ମାତ୍ର, ଏବଂ ଆମେ ଅଧିକ ମହିଳା ଆସିବା ଏବଂ ହିରୋ ମୋଟୋକର୍ପ ପରିବାରର ଅଂଶ ହେବା ପାଇଁ ଚାହୁଁଛୁ।”

ମହିଳାଙ୍କ ପାଇଁ ସମାନ ରୋଜଗାର ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରକଳ୍ପ ତେଜସ୍ୱିନୀ ସମାନତାକୁ ପ୍ରୋତ୍ସାହିତ କରି ସଙ୍ଗଠନ ଭିତରେ ଏକ ‘ସାମଗ୍ରିକ କାର୍ଯ୍ୟସ୍ଥଳୀ’ ପ୍ରସାର କରିଛି। ଏହି ପ୍ରାରମ୍ଭର ଅଂଶ ଭାବରେ ପ୍ରତ୍ୟେକ ଭର୍ଟିକଲ ଏବଂ ସମସ୍ତ ହାଇଅରାର୍କିରେ-ଠିକ ସପ ଫ୍ଲୋର ସ୍ତର ଠାରୁ ବରିଷ୍ଠ ଲିଡରଶିପ ପର୍ଯ୍ୟନ୍ତ ସମର୍ପିତ କ୍ୟାରିୟର ସୁଯୋଗ ହିରୋ ମୋଟୋକର୍ପ ମହିଳା ମାନଙ୍କ ପାଇଁ ସୃଷ୍ଟି କରି ଏକ ସନ୍ତୁଳିତ ଲିଙ୍ଗଗତ ପ୍ରତିନିଧିତ୍ୱକୁ ପ୍ରୋତ୍ସାହିତ କରିଛି। ବର୍ତମାନ କମ୍ପାନୀର ତିନୋଟି ନିର୍ମାଣ ସୁବିଧା-ହରିଦ୍ୱାର, ନୀମରାନା ଏବଂ ହାଲୋଲ’ରେ ସପ ଫ୍ଲୋରରେ ମହିଳା ମାନେ କାମ କରୁଛନ୍ତି।

ତିନି ମହାଦେଶର ୩୭ ଦେଶରେ ଏକ ବିଶ୍ୱ ସ୍ତରୀୟ ଅପରେସନ ବିସ୍ତାରରେ ହିରୋ ମୋଟୋକର୍ପର ପ୍ରତିଭା ପୁଷ୍କରଣୀରେ ଭାରତ, ଅଷ୍ଟ୍ରିୟା, ୟୁକେ, ଇଟାଲୀ, ଫ୍ରାନ୍ସ, ୟୁଏସ, ଜାପାନ, ଜର୍ମାନୀ ଏବଂ କାମ୍ବୋଡିଆ ସହିତ ବିଭିନ୍ନ ରାଷ୍ଟ୍ରୀୟତାର ଲୋକ ସାମିଲ ହୋଇଛନ୍ତି।ମହିଳା କର୍ମଚାରୀ ମାନଙ୍କୁ ନିଯୁକ୍ତି ଦେବା ପାଇଁ ସମର୍ପିତ ନିଯୁକ୍ତି କାର୍ଯ୍ୟକ୍ରମ ଛଡା ଭବିଷ୍ୟତରେ ଲିଡରଶିପ ଭୁମିକା ନେବା ପାଇଁ ମହିଳା ମାନଙ୍କୁ ସକ୍ଷମ ଏବଂ ସଜ୍ଜିତ କରିବା ପାଇଁ ବିଏମଏଲ ମୁଞ୍ଜାଲ ବିଶ୍ୱବିଦ୍ୟାଳୟ ଏବଂ ଇମ୍ପିରିଅଲ କଲେଜ ଅଫ ଲଣ୍ଡନ ସହଯୋଗିତାରେ ‘ୱୁମନ ଇନ ଲିଡରଶିପ (ଡବ୍ଲୁଆଇଏଲ) ପ୍ରୋଗ୍ରାମ’ ଭଳି ପ୍ରାରମ୍ଭର ବ୍ୟବସ୍ଥା ମଧ୍ୟ ହିରୋ ମୋଟୋକର୍ପ ଆରମ୍ଭ କରିଛନ୍ତି।

ଏକ ଅନ୍ତରାୟ ପରେ ପୁଣି ଥରେ କାମ କରିବାକୁ ଚାହୁଁଥିବା ମହିଳା ପେଷାଦାର ମାନଙ୍କ ପାଇଁ ଅସାଧାରଣ ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ କମ୍ପାନୀ ଏକ ବୈକଳ୍ପିକ କ୍ୟାରିୟର କାର୍ଯ୍ୟକ୍ରମ (ଏସିପି) ମଧ୍ୟ ଆରମ୍ଭ କରିଛନ୍ତି।

ମହିଳା କର୍ମଚାରୀ ମାନଙ୍କର କାର୍ଯ୍ୟ-ଜୀବନ ସନ୍ତୁଳନ ଉନ୍ନତ କରିବା ଉଦ୍ଦେଶ୍ୟରେ ସେମାନଙ୍କର ମାତୃତ୍ୱ ଛୁଟିକୁ ୩୦ ସପ୍ତାହକୁ ପୁନଃ-ସଂଚରିତ କରିବା ସହିତ ଫ୍ଲେକ୍ସି-କାର୍ଯ୍ୟ ନୀତି ଓ ଡେ- କେୟାର ସୁବିଧା ସହିତ ଅନେକ ନୀତି ସଂସ୍କାର ଏବଂ ନୂତନ ନୀତି ପ୍ରଣୟନ କରିଛନ୍ତି।

## ଜିକିତ୍ସା ପକ୍ଷରୁ ବୃକ୍ଷ ରୋପଣ ସଚେତନତା ନିମନ୍ତେ ସାଇକେଲ ରାଲି



ଭୁବନେଶ୍ୱର, (ପିଏନ): ଫନି ପରବର୍ତ୍ତି ସମୟରେ ବୃକ୍ଷର ଗୁରୁତ୍ୱକୁ ହୃଦୟଙ୍ଗମ କରି ତଥା ଲୋକ ମାନଙ୍କୁ ଏଥି ସମ୍ପର୍କରେ ସଚେତନତା ବାର୍ତ୍ତା ଦେବା ପାଇଁ ଉଦ୍ୟମ କରିଛି ଜିକିତ୍ସା ହେଲଥ କେୟାର ଲିମିଟେଡ୍। ସରକାରଙ୍କ ପକ୍ଷରୁ ନିୟୋଜିତ ଜରୁରୀକାଳୀନ ସେବା ଯୋଗାଇ ଆସୁଥିବା ୧୦୮ ଏବଂ ୧୦୨ ଆମ୍ବୁଲାନ୍ସ ପରିଚାଳନା କରୁଥିବା ଜିକିତ୍ସା ହେଲଥ କେୟାର ଲିମିଟେଡ୍ ପକ୍ଷରୁ ଆଜି ଏକ ବିଶାଳ ସାଇକେଲ ରାଲି ଏବଂ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ହୋଇଥିବା ଉକ୍ତ ସାଇକେଲ ରାଲିଟି ରୂପାଲି ଛକରୁ ଆରମ୍ଭହୋଇ ଆମ୍ବୁଲାନ୍ସ ଥିବା ସ୍ଥାନ ପର୍ଯ୍ୟନ୍ତ ଯାଇଥିଲା, ଯାହାକି ସକାଳ ୭ ରୁ ଆରମ୍ଭହୋଇ ୧୦ରେ ସମାପ୍ତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ଡ଼ିସିପି ପଦ୍ମିନୀ ସାହୁ, ଆଇପିଏସ୍ ଯୋଗଦେଇ ପତକା ଦେଖାଇ ଉକ୍ତ ରାଲିର ଶୁଭାରମ୍ଭ କରିଛନ୍ତି। ଉକ୍ତ ସାଇକେଲ ରାଲିଟି ଦିର୍ଘ ୩ କି.ମି ଅତିକ୍ରମ କରିଥିବାବେଳେ ଏଥିରେ ୭୦ଜଣ କର୍ମଚାରୀ ଅଂଶଗ୍ରହଣ କରିଛନ୍ତି। ସାଇକେଲ ରାଲିଟି ଅତିକ୍ରମ କରିଥିବା ବିଭିନ୍ନ ପ୍ରମୁଖ ସ୍ଥାନ ଯେପରିକି ରାମ ମନ୍ଦିର ଛକ, ରାଜ୍ୟ ହାଉସିଂ ବୋର୍ଡ଼ ଛକ, ରେଡ଼ କ୍ରସ ଭବନ ଇତ୍ୟାଦି ସ୍ଥାନ ମାନଙ୍କରେ ଅଂଶଗ୍ରହଣକାରୀମାନେ ବୃକ୍ଷ ବଞ୍ଚାଇବା ବାର୍ତ୍ତା ସହିତ ବିଭିନ୍ନ ପ୍ଲାକାର୍ଡ଼ମାନ ଧରି ଛିଡ଼ାହୋଇଥିଲେ।

ବୃକ୍ଷ ବଞ୍ଚାଅ ଅଭିଯାନର ଦ୍ୱିତୀୟ ସୋପାନରେ ସାଇକେଲ ରାଲି ୧୦ଟି ଆମ୍ବୁଲାନ୍ସ ଥିବା ସ୍ଥାନରେ ପହଞ୍ଚିବା ପରେ ପ୍ରତ୍ୟେକ ବେସ ଲୋକେସନରେ ୧୦ଟି ଲେଖାଏଁ ବୃକ୍ଷ ରୋପଣ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା, କୁମାରୀ ସାଲିନୀ ପଣ୍ଡିତ୍ ଉପସ୍ଥିତ ରହିଥିଲେ। ଆହୁରି ମଧ୍ୟ ଏହି ଅବସରରେ ଜିକିତ୍ସା ହେଲଥ କେୟାର ଲିମିଟେଡର ଓଡିଶା ମୁଖ୍ୟ, ଶ୍ରୀଯୁକ୍ତ ସବ୍ୟସାଚୀ ବିଶ୍ୱାଳଙ୍କ ସହ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଏବଂ ଜିକିତ୍ସାର କର୍ମଚାରୀମାନେ ଲୋକ ମାନଙ୍କୁ ବୃକ୍ଷ ଚାରାମାନ ବାଣ୍ଟିଥିଲେ। ପରବର୍ତ୍ତି ସମୟରେ ଏହିପରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଜାରି ରହିବ ବୋଲି କମ୍ପାନୀ ସୂତ୍ରରୁ ପ୍ରକାଶ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray